ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 23 | 05 - 11 June 2022 | Sambalpur | Page-12 | Invitation Price Rs.10

# ବ୍ରଜରାଜନଗରରେ ବିଜେଡ଼ିର ଐତିହାସିକ ବିଜୟ

ଝାରସୁଗୁଡ଼ା : ବ୍ରଜରାଜନଗର ବିଧାନସଭା ପାଇଁ ହୋଇଥିବା ଉପ ନିର୍ବାଚନରେ ବିଜେଡି ବାଜିମାତ୍ କରିଛି । ୬୬ ହଜାରରୁ ଊର୍ଦ୍ଧ୍ୱ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ଶ୍ରୀମତୀ ଅଳକା ମହାନ୍ତି ବିଜୟୀ ହୋଇଛନ୍ତି । ସେ ୯୩ ହଜାର ୯୫୩ ଖଣ୍ଡ ଭୋଟ ପାଇ ବିରୋଧୀଙ୍କୁ ବଡ଼ ବ୍ୟବଧାନରେ ହରାଇବାର ନୂଆ ଇତିହାସ ରଚିଛନ୍ତି । ବିରୋଧୀ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ ମାତ୍ର ୨୭ ହଜାର ୮୩୧ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ରାଧାରାଣୀ ପଣ୍ଡା ୨୨ ହଜାର ୬୩୦ ଖଣ୍ଡ ଭୋଟ ପାଇ ଅମାନତ ହରାଇବା ସହ ତୃତୀୟ ସ୍ଥାନରେ ରହିଛନ୍ତି । ସିପିଆଇର ଶ୍ରୀ ରମେଶ କୁମାର ତ୍ରିପାଠୀ ୩୧୦୫ ଭୋଟ୍ ପାଇଥିବା ବେଳେ ହିନ୍ଦୁସ୍ଥାନ ନିର୍ମାଣ ଦଳର ବିଜୟ କୁମାର ଜଲାନ ୨୭୭, ସ୍ୱାଧୀନ ପ୍ରାର୍ଥୀ ଏବିଏସ୍ ରାଜପୁତ ଜୈନ ୩୬୮, ଆଦିତ୍ୟ ପ୍ରଧାନ ୧୮୮୩, ଦୀନବନ୍ଧୁ ବିଶ୍ୱାଳ ୪୨୨, ମନୋଜ ମେହେର ୪୧୩, ସୀତାରାମ ବେହେରା ୩୧୦ ଓ ସୁପ୍ରିତ କୁମାର ବେହେରା ୬୭୫ ଖଣ୍ଡ ଭୋଟ୍ ପାଇଛନ୍ତି ।

ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ଏଭଳି ବିଜୟ ଦଳୀୟ ନେତା ଏବଂ କର୍ମୀଙ୍କୁ ବେଶ ଉତ୍ସାହିତ କରିଛି । ଗତ ୧୯୯୦ ମସିହା ସାଧାରଣ ନିର୍ବାଚନରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୪୪ ହଜାର ୧୦୧ ଭୋଟ ବ୍ୟବଧାନରେ ସିପିଆଇର ପ୍ରସନ୍ନ କୁମାର ପଣ୍ଡା କଂଗ୍ରେସ ପ୍ରାର୍ଥୀ ସନତ ପାଙ୍ଗଯୋଶୀଙ୍କୁ ପରାସ୍ତ କରିଥିଲେ । ଏହା ସର୍ବକାଳୀନ ରେକର୍ଡ ଥିଲା । ହେଲେ ଏଥରର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି ୬୬ ହଜାର ୧୨୨ ଭୋଟର ସର୍ବ ବୃହତ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ପରେ ଅଳକା ମହାନ୍ତିଙ୍କ ପ୍ରତି ରହିଥିବା ସହାନୁଭୂତି ବିଜେଡିକୁ ଏଭଳି ଅପୂର୍ବ ବିଜୟ ଆଣିଦେଲା ବୋଲି କୁହାଯାଉଛି ।

କିଶୋର ମହାନ୍ତି ତାଙ୍କର ତିନି ଦଶନ୍ଧିର ରାଜନୈତିକ କ୍ୟାରିୟର ମଧ୍ୟରେ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରରୁ ବହୁବାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବିଧାନସଭାରେ ବାଚସ୍ପତି, ସରକାରୀ ଦଳର ମୁଖ୍ୟ ସଚେତକ, ରାଜ୍ୟସଭା ସାଂସଦ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ପଦବିରେ ରହିଥିଲେ । ଦଳର ନେତୃତ୍ୱ ପ୍ରତି ତାଙ୍କର ଆନୁଗତ୍ୟ ରହିଥିଲା । ବରିଷ୍ଠତା ଏବଂ ଜଣେ ଶୃଙ୍ଖଳିତ ଦଳୀୟ ନେତା ଭାବେ



ଦଳରେ ତାଙ୍କର ଯେଭଳି ଗୁରୁତ୍ୱ ରହିଥିଲା ସେହିପରି ଜିଲ୍ଲା ରାଜନୀତିରେ ବି ତାଙ୍କର ପତିଆରା ଥିଲା । ରାଜନୈତିକ ଘଟଣାକ୍ରମରେ ସେ ଝାରସୁଗୁଡ଼ା ଛାଡ଼ି ବ୍ରଜରାଜନଗର ବିଧାନସଭା କ୍ଷେତ୍ରରୁ ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟୀ ହେବା ସହ ପ୍ରଥମ ଥର ଲାଗି ବ୍ରଜରାଜନଗର ଆସନ ବିଜେଡି ହାତେଇ ଇତିହାସ ସୃଷ୍ଟି କଲା । ହେଲେ ବିଜେଡି ସଂଗଠନ ପାଇଁ ତାଙ୍କର ଅବଦାନ ତଥା ଜିଲ୍ଲାରେ ଅଣ କଂଗ୍ରେସ ରାଜନୀତିର ମୂଳଦୁଆ ପକାଇବାରେ ତାଙ୍କର ଭୂମିକା ଜିଲ୍ଲାର ଇତିହାସରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିବ । ଗତ ଡିସେମ୍ବର ୩୦ ତାରିଖ ତାଙ୍କର ଅକାଳ ବିୟୋଗ ସଭିଙ୍କୁ ସ୍ତବ୍ଧ କରିଥିଲା । ତାଙ୍କ ପରେ ବ୍ରଜରାଜନଗରରୁ ବିଜେଡିର କିଏ ବିଧାୟକ ପ୍ରାର୍ଥୀ ହେବେ ତାହାକୁ ନେଇ ନିର୍ବାଚନ ଘୋଷଣା ହେବା ତଥା ନାମାଙ୍କନ ପର୍ଯ୍ୟନ୍ତ ଅନିଶ୍ଚିତତା ଲାଗି ରହିଥିଲା । ରାଜନୈତିକ ମହଲ ସନ୍ଦେହ ଭିତରେ ରହିଥିଲେ । ମାତ୍ର ଶେଷରେ କିଶୋର ମହାନ୍ତିଙ୍କ ପତ୍ନୀ ଅଳକା ମହାନ୍ତିଙ୍କ ଉପରେ ଦଳୀୟ ନେତୃତ୍ୱ ଭରସା କରି ତାଙ୍କୁ ପ୍ରାର୍ଥୀ କଲେ । ନିର୍ବାଚନ ପ୍ରଚାର କାଳରେ ବି ବିଜେଡିର ପ୍ରଚାର ଶୈଳୀ ଏବଂ କୌଶଳକୁ ନେଇ ଅନେକ ପ୍ରଶ୍ନ ଉଠିଲା । ମାତ୍ର କିଶୋର ମହାନ୍ତିଙ୍କ ପ୍ରତି ରହିଥିବା ଭଲ ପାଇବା ଏବଂ ଅଳକାଙ୍କ ପ୍ରତି ସହାନୁଭୂତି ଓ ଅକୁଣ୍ଠ ସମର୍ଥନ ବିଜେଡି ପାଇଁ ଏଭଳି ଏକ ଅପ୍ରତ୍ୟାଶିତ ଫଳ ଆଣିଦେବାରେ ଅନେକେ ଚକିତ । ଅଳକାଙ୍କ ବିଜୟ କିଶୋର ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଭାବେ ବିବେଚିତ ହେଉଛି ।

ଏହି ଉପନିର୍ବାଚନରେ ଭୋଟ ହାସଲ କରିବାରେ ବିରୋଧୀ ଦଳଗୁଡ଼ିକ ବିଜେଡିର ପାଖ ମାଡ଼ିପାରି ନାହାନ୍ତି । ଗତ ନିର୍ବାଚନଗୁଡ଼ିକୁ ଯଦି ଦେଖାଯାଏ ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ଭାଜପା ବିଜେଡିକୁ ଟକ୍କର ଦେବା ପରିସ୍ଥିତିକୁ ଆସିପାରୁ ନାହାନ୍ତି । ପଞ୍ଚାୟତ ଓ ପୌର ନିର୍ବାଚନରେ ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଥିବା ବେଳେ ବ୍ରଜରାଜନଗର ଉପନିର୍ବାଚନରେ ମଧ ଉଭୟ ଦଳକୁ ସମଦଶା ଭୋଗିବାକୁ ପଡ଼ିଛି । ଯଦିଓ ଭାଜପାକୁ ପଛରେ ପକାଇ କଂଗ୍ରେସ ଦ୍ୱିତୀୟ ସ୍ଥାନକୁ ଉଠିଛି, ତେବେ ପୁରାତନ ଗଡ଼ କୁହାଯାଉଥିବା ଝାରସୁଗୁଡ଼ାରେ ଦଳ ସେତେଟା ଭଲ ପ୍ରଦର୍ଶନ କରିପାରି ନାହିଁ । ଉଭୟ ଦଳ ତଳ ଉପର ହେଉଥିଲେ ମଧ ବିଜେଡିକୁ କଡ଼ା ମୁକାବିଲା କରିବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି । ଚଳିତ ଉପନିର୍ବାଚନରେ ବିଜେଡି ୯୩ ହଜାର ଭୋଟ ପାଇଥିବା ବେଳେ କଂଗ୍ରେସକୁ ୨୭ ହଜାର ଓ ଭାଜପାକୁ ୨୨ ହଜାର ଭୋଟ ମିଳିଛି । ଉଭୟ ଦଳକୁ ନିକଟତମ ପ୍ରତିଦ୍ୱନ୍ଦୀ ମଧ କୁହାଯାଉଥିଲେ ବିଜେଡିଠାରୁ ଦୂରତାରେ ଅପହଞ୍ଚ ରହିଛନ୍ତି । ପଶ୍ଚିମ ଓଡ଼ିଶାରେ ଭାଜପାର ପ୍ରଭାବ ରହିଛି । ଗତ ସାଧାରଣ ନିର୍ବାଚନରେ ଏଠାରୁ ଦଳକୁ ୭ଟି ଲୋକ ସଭା ଆସନ ମିଳିଥିଲା । ଏଥିସହିତ ଅଧିକାଂଶ ବିଧାନସଭା ଆସନ ଜିତି ଭାଜପା କଂଗ୍ରେସକୁ ହଟାଇ ମୁଖ୍ୟ ବିରୋଧୀ ଦଳ ଆସନରେ ବସିଛି । ମାତ୍ର ଗତ ୨/୩ ବର୍ଷରେ ଦଳ ନିଜର ପୂର୍ବ କ୍ରେଜ୍ ରଖିପାରି ନାହିଁ । ଦଳୀୟ କନ୍ଦଳ ଓ ତ୍ରୁଟିପୂର୍ଣ୍ଣ ନିର୍ବାଚନ ରଣନୀତି ଉଭୟ ଦଳର ପ୍ରାର୍ଥୀଙ୍କ ପାଇଁ କାଳ ହୋଇଛି ବୋଲି ରାଜନୀତି ବିଶେଷଜ୍ଞ ମତ ଦେଉଛନ୍ତି । ବ୍ରଜରାଜନଗର ଆସନ ପ୍ରଥମରୁ କଂଗ୍ରେସ କବ୍‌ଜାରେ ରହି ଆସିଥିଲା । ଲଗାତର ହେଉଥିବା କଂଗ୍ରେସ ବିଜୟୀ ପ୍ରାର୍ଥୀ ଅନୁପ ସାଏ ୨୦୧୪ରେ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ । ସେ ବିଜେଡି ଟିକେଟରେ ବ୍ରଜରାଜନଗରରୁ ଲଢ଼େଇ କରିଥିଲେ ମଧ ନିର୍ବାଚନମଣ୍ଡଳୀ ମତଦାତା ତାଙ୍କୁ ଅନ୍ୟ ଦଳରେ ଗ୍ରହଣ କରି ନ ଥିଲେ । ଫଳରେ ଏହାର ଫାଇଦା ନେଇଥିଲେ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡା । ତେବେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ ମଧ ସେହି ଆସନ ରଖିବାରେ ବିଫଳ ହୋଇଥିଲେ । ୨୦୧୯ରେ କିଶୋର ମହାନ୍ତିଙ୍କୁ ବିଜେଡି ପ୍ରଥମ ଥର ପାଇଁ ବ୍ରଜରାଜନଗର ଆସନରୁ ପ୍ରାର୍ଥୀ କରିଥିଲା । କିଶୋର ଭାଜପା ପ୍ରାର୍ଥୀ ରାଧାରାଣୀଙ୍କୁ ୨୦ ହଜାର ଭୋଟରେ ହରାଇ ପ୍ରଥମ ଥର ପାଇଁ ବ୍ରଜରାଜନଗରରେ ବିଜେଡି ବାନା ଉଡ଼ାଇଥିଲେ । କିଶୋରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅଳକାଙ୍କୁ ଏହି ନିର୍ବାଚନମଣ୍ଡଳୀରେ ବିପୁଳ ସମର୍ଥନ ମିଳିଛି । ସ୍ୱାମୀଙ୍କଠାରୁ ପ୍ରାୟ ୪୫ ହଜାର ଅଧିକ ଭୋଟ ପାଇଛନ୍ତି ।

## କଂଗ୍ରେସ ଓ କମ୍ୟୁନିଷ୍ଟ ଗଡ଼ରେ ବିଜେଡିର ରେକର୍ଡ

ଝାରସୁଗୁଡ଼ା : ବ୍ରଜରାଜନଗର ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟରେ ବିରୋଧୀ ଧରାଶାୟୀ ହୋଇଛନ୍ତି । କଂଗ୍ରେସ ଓ କମ୍ୟୁନିଷ୍ଟ ଗଡ଼ କହାଯାଉଥିବା ଏହି ନିର୍ବାଚନମଣ୍ଡଳୀର ସମସ୍ତ ପୂର୍ବ ରେକର୍ଡକୁ ବିଜେଡି ଭାଙ୍ଗି ଦେଇଛି । ବିଜେପି ଅମାନତ ହରାଇଛି । ଏପରିକି ଏତେ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବା ଦଳୀୟ ନେତାଙ୍କୁ ମଧ ଆଶ୍ଚର୍ଯ୍ୟ କରିଛି । ସବୁ ଗଣିତକୁ ଫେଲ୍ କରି ବିଜେଡି ୬୬ ହଜାର ୧୨୨ ଭୋଟରେ ବିଜୟୀ ହୋଇଛି । ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ କମ୍ୟୁନିଷ୍ଟ ପାର୍ଟିର ବିଧାୟକ ପ୍ରସନ୍ନ ପଣ୍ଡା ୬ ଥର ବିଜୟୀ ହୋଇଥିବା ବେଳେ କଂଗ୍ରେସ ଦଳ ୭ ଥର ନିର୍ବାଚିତ ହୋଇଥିଲା । ବିଜେପି ଥରେ ବିଜୟୀ ହୋଇଥିବା ବେଳେ ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ କିଶୋର ମହାନ୍ତି ପ୍ରଥମ ଥର ଜ ପାଇଁ ଏଠାରୁ ବିଜୟୀ ହୋଇଥିଲେ । ଏହି ନିର୍ବାଚନମଣ୍ଡଳୀରେ ୧୯୬୧ ମସିହାରୁ ଅନୁଷ୍ଠିତ ହୋଇଥିବା କୌଣସି ନିର୍ବାଚନରେ ମଧ ଏଭଳି ଭୋଟ ବ୍ୟବଧାନ ରହି ନଥିବା ବେଳେ ଏହି ଉପନିର୍ବାଚନ ସମସ୍ତ ରେକର୍ଡକୁ ଟପି ଯାଇଛି ।

## ବିଜୟ ପ୍ରମାଣପତ୍ର ଗ୍ରହଣ କଲେ ଅଳକା



ଝାରସୁଗୁଡ଼ା: ବ୍ରଜରାଜନଗର ଉପନିର୍ବାଚନରେ ବିଜୟୀ ହୋଇଥିବା ବିଜେଡି ପ୍ରାର୍ଥୀ ଶ୍ରୀମତୀ ଅଳକା ମହାନ୍ତି ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ଦୟାମୟ ପାଢ଼ୀଙ୍କ ଠାରୁ ବିଜୟ ପ୍ରମାଣ ପତ୍ର ଗ୍ରହଣ କରିଥିଲେ । ଏହି ସମୟରେ ସେଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରବୀର ନାୟକ ଜିଲ୍ଲା ଗ୍ରାମୀଣ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ପୁରା କରିବି: ଅଳକା ମହାନ୍ତି

ଝାରସୁଗୁଡା: ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ପୁରା କରିବା ପାଇଁ ଚେଷ୍ଟା କରିବି ବୋଲି ବ୍ରଜରାଜନଗର ଉପ ନିର୍ବାଚନରେ ବିଜୟୀ ହେବା ପରେ କହିଛନ୍ତି ଅଳକା ମହାନ୍ତି । ଏହା ସହିତ ନିର୍ବାଚନରେ ସେ ବିଜୟ ହେବାର ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି । ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ, ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବ ଓ ନିର୍ମଳ ଭାବମୂର୍ତ୍ତି, ମୋ ସ୍ୱାମୀଙ୍କ ପ୍ରତି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲୋକଙ୍କ ଶ୍ରଦ୍ଧା ଯୋଗୁଁ ମୁଁ ଆଜି ବିଜୟୀ ହୋଇଛି ବୋଲି କହିଛନ୍ତି । ଏହାର ଶ୍ରେୟ ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ଯୋଗୁଁ ସମ୍ଭବ ହୋଇ ପାରିଛି । ନିର୍ବାଚନ ସମୟରେ ଜିଲ୍ଲାରେ ତାପମାତ୍ରା ଅଧିକ ରହିଥିଲେ ମଧ ତାକୁ ଭ୍ରୁକ୍ଷେପ ନ କରି ଦଳୀୟ କର୍ମୀମାନେ ଯେଭଳି ଭାବେ କାର୍ଯ୍ୟ କରିଛନ୍ତି ସେଥିପାଇଁ ମୁଁ ବିଜୟୀ ହୋଇଛି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ।ଇଁ ଉଦ୍ୟମ ଜାରି ରଖିବି ଓ ମୋ ସ୍ୱାମୀ ଯେଭଳି ଭାବରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସମସ୍ୟାର ସମାଧାନ କରି ଆସୁଥିଲେ ସେଭଳି ଭାବେ ଅଞ୍ଚଳ ଗସ୍ତ କରି କାର୍ଯ୍ୟ କରିବା ପାଇଁ ଉଦ୍ୟମ କରିବି ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି । ବିଶେଷ ଭାବରେ ସେ ଅଞ୍ଚଳରେ ଥିବା ବିସ୍ଥାପିତ ସମସ୍ୟା ନେଇ ମୋ ସ୍ୱାମୀ ବିଧାନସଭାରେ ଉପସ୍ଥାପନ କରିଥିଲେ ସେ ଦିଗରେ ମଧ କାର୍ଯ୍ୟ କରି ତାଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବି ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।




## ଏ ସଂଖ୍ୟାରେ..


ଲାଭକାରୀ ଅଳେଇଚ


ଔଷଧରେ ଭରପୁର ଜାମୁକୋଳି


ହିତକାରୀ ଆମ୍ବପତ୍ର


ଜୀବନ ରକ୍ଷା କରିବ ପାଳଙ୍ଗ


ଲିଚୁର ଉପକାରିତା

# ଅଢ଼େଇ ଦଶନ୍ଧିର ମହାନାୟକ ନବୀନ ପଟ୍ଟନାୟକ

ଭୁବନେଶ୍ୱର : ଦେହରେ ଧଳା କୁର୍ତ୍ତା, ପାଇଜାମା । ପାଦରେ କୋହ୍ଲାପୁରୀ ଚପଲ ହଳେ । ସରଳ ଜୀବନଯାପନ ଶୈଳୀ, କିନ୍ତୁ, ଚିତ୍ର ଉଚ୍ଚକୋଟୀର । ଅଢ଼େଇ ଦଶନ୍ଧି ଧରି ରାଜନୀତିରେ । ସେଥିରୁ ୨୨ ବର୍ଷ ଲଗାତର ଓଡ଼ିଶାର ମୁଖ୍ୟମନ୍ତ୍ରୀ । ପ୍ରତି ଥର ନିର୍ବାଚନରେ ବଢ଼ି ଚାଲିଛି ଜନ ସମର୍ଥନ । ୨୫ ବର୍ଷ ସାଧାରଣ ଜୀବନରେ ରହିଲେ ମଧ ଜାଣିଚାଏ ଗର୍ବ ପରିଲକ୍ଷିତ ହେଇନି । ସେମିତି ଅମଳିନ ଓ ଚିକ୍କଣ୍ଡମୁଖୀ ନେତୃତ୍ୱ ।

୨୫ ବର୍ଷ ତଳେ ଓଡ଼ିଶା ଜନତାଙ୍କ ପାଇଁ ସେ ଥିଲେ ଅଜଣା । ପରିଚୟ କହିଲେ ବିଜୁ ବାବୁଙ୍କ ପୁଅ । ଆଜି କିନ୍ତୁ ସାଢ଼େ ୪ କୋଟି ଓଡ଼ିଆଙ୍କ ହୃଦୟରେ ସେ ହିଁ ତ୍ରାଣକର୍ତ୍ତା । 'ନବୀନ'- ଏହି ନାଁରେ ହିଁ ଚାଲିଛି ରାଜ୍ୟ ଶାସନ । ଉଠୁଛି ପଡୁଛି ରାଜ୍ୟ ରାଜନୀତି ( କେବଳ ତାଙ୍କ ଗଠିତ ବିଜୁ ଜନତା ଦଳ ନୁହେଁ, ପ୍ରତିଦ୍ୱନ୍ଦୀ ଦଳ ପାଇଁ ମଧ ସେ ପାଲଟିଛନ୍ତି ବତୀ ଘର । ୨୫ ବର୍ଷ ଭିତରେ ନାୟକରୁ ନବୀନ ପାଲଟିଛନ୍ତି ମହାନାୟକ । କେବଳ ନବୀନଙ୍କ କ୍ୟାରିୟର ଶୀର୍ଷକୁ ଛୁଇଁଛି ତାହା ନୁହେଁ, ଓଡ଼ିଶାର ଚିତ୍ର ବି ବଦଳିଯାଇଛି । ଭୋକର ଭୂଗୋଳରୁ ଓଡ଼ିଶା ପାଲଟିଛି ବିକାଶର ମଡେଲ । ଅନେକ ରାଜ୍ୟ ପାଇଁ ଓଡ଼ିଶା ହୋଇଛି ଉଦାହରଣ । ଝଡ଼ର ଇଗଲ ଭଳି ବିପର୍ଯ୍ୟୟ ମୁକାବିଲା ବିଶ୍ୱ ଦରବାରରେ ଓଡ଼ିଶା ହୋଇଛି ୧ ନମ୍ବର । ଏ ସବୁର ଶ୍ରେୟ କେବଳ ସେ ଜଣକ ପାଖକୁ ଯାଉଛି । ସେ ହେଉଛନ୍ତି ନବୀନ ପଟ୍ଟନାୟକ ।

ରାଜନୀତି, କ୍ଷମତାଠାରୁ ଥିଲେ ବହୁ ଦୂରରେ । ଅନିଚ୍ଛା ସତ୍ତ୍ୱେ ସମୟ ଟାଣି ଆଣିଲା ରାଜନୀତିକୁ । ପିତାଙ୍କ ପାଦ ଅନୁସରଣ କରି ରାଜ୍ୟବାସୀଙ୍କ ସେବା ପାଇଁ ଆରମ୍ଭ କଲେ ରାଜନୈତିକ ଯାତ୍ରା । ପ୍ରତ୍ୟକ୍ଷ ରାଜନୀତିରେ ୨୫ ବର୍ଷର ଲମ୍ବା ଯାତ୍ରାରେ ଘାତ, ପ୍ରତିଘାତ, ବିଶ୍ୱାସଘାତର ପ୍ରତିବନ୍ଧକ ଡେଇଁ ପହଞ୍ଚିଛନ୍ତି ସଫଳତାର ଶିଖରରେ । ଆଜି ଓଡ଼ିଶା ରାଜନୀତିରେ ସେ ଅପରାଜେୟ, ଅପ୍ରତିଦ୍ୱନ୍ଦୀ, ଅସାଧାରଣ, ଅନନ୍ୟ । ଠିକ୍ ୨୫ ବର୍ଷ ତଳେ ଆସିକା ଲୋକସଭା ନିର୍ବାଚନମଣ୍ଡଳୀରୁ ବିପୁଳ ବିଜୟ ହାସଲ କରି ରାଜନୀତିର ପ୍ରତ୍ୟକ୍ଷ ଦୁନିଆରେ ପାଦ ଥାପିଥିଲେ ନବୀନ । କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡିଏ ସହ ହାତ ମିଳାଇ ଓଡ଼ିଶାରେ ସେ ସାଜିଲେ ବଡ଼ ଭାଇ । କେନ୍ଦ୍ର କ୍ୟାବିନେଟରେ ଇସ୍ପାତ ଓ ଖଣି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ ।

ମହାବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ହୋଇ ଓଡ଼ିଶାବାସୀ ନବୀନଙ୍କ ହାତକୁ ଦେଲେ ଓଡ଼ିଶାର ଶାସନ ଡୋରି । ୧୯୯୯ ମହାବାତ୍ୟା ଦେଇଥିବା ବିଶାଳ କ୍ଷତକୁ ଭରଣା କରି ଓଡ଼ିଶାକୁ ଆଗକୁ ନେବା ଥିଲା ବିରାଟ ଆହ୍ୱାନ । ବିପର୍ଯ୍ୟସ୍ତ ଅର୍ଥନୀତିକୁ ନେଇ ଆଗକୁ ବଢ଼ିବା ରାସ୍ତା ସହଜ ନ ଥିଲା । ନବୀନ ପଣ କଲେ ଓଡ଼ିଶା ଆଗକୁ ବଢ଼ିବ । ବିକାଶ ଓ ପ୍ରଶାସନିକ ସଂସ୍କାର ଇଟା ପରେ ଇଟା ଯୋଡ଼ି ଓଡ଼ିଶାକୁ ଛିଡ଼ା କରାଇଲେ । ଯେଉଁ ରାଜ୍ୟ ଦିନେ ଅନାହାର ମୃତ୍ୟୁ ପାଇଁ ଜାତୀୟସ୍ତରରେ ଚର୍ଚ୍ଚାରେ ଥିଲା, ତାହାକୁ ନବୀନ ଦେଲେ ବଳକା ଚାଉଳ ଉତ୍ପାଦନକାରୀ ରାଜ୍ୟର ପରିଚୟ । ପ୍ରାକୃତିକ ବିପର୍ଯ୍ୟୟ ପୀଡ଼ିତ ରାଜ୍ୟ ଭାବେ ଦେଶରେ ଚର୍ଚ୍ଚାକୁ ଆସିଥିବା ଓଡ଼ିଶା ନବୀନଙ୍କ ନେତୃତ୍ୱରେ ବିଶ୍ୱରେ ପ୍ରାକୃତିକ ଦୁର୍ବିପାକ ମୁକାବିଲାରେ ବିଶ୍ୱରେ ୧ ନମ୍ବର । ୧୯୯୯ ମହାବାତ୍ୟାରେ ହଜାର ହଜାର ଜୀବନ



ଯାଇଥିବାବେଳେ ଏବେ ପ୍ରତିଟି ବାତ୍ୟାରେ ଜିରୋ କାଜୁଆଲିଟି ଲକ୍ଷ୍ୟରେ ସଫଳ ହୋଇଛନ୍ତି ନବୀନ । ଆଉ ଓଡ଼ିଶା ଡରୁନାହିଁ, ମୁକାବିଲା କରୁଛି । ନବୀନଙ୍କ ବ୍ୟାପକ ସଂସ୍କାରମୂଳକ ପଦକ୍ଷେପରେ ଅର୍ଥନୀତିରେ ଶିଖର ଛୁଇଁଛି ।

ରାଜନୀତିର ବାଟ ସହଜ ନ ଥିଲା ନବୀନଙ୍କ ପାଇଁ । ବିଜୁବାବୁଙ୍କ ଅବର୍ତ୍ତମାନରେ ଅଣ କଂଗ୍ରେସ ସରକାର ସ୍ୱପ୍ନ ଭଳି ଲାଗୁଥିଲା । ମାତ୍ର ନବୀନଙ୍କ ଚେହେରାରେ ଏମିତି ଯାଦୁ ଥିଲା, ଓଡ଼ିଶାବାସୀ କଂଗ୍ରେସକୁ ସବୁଦିନ ପାଇଁ ବାଏବାଏ କରିଦେଲେ । ୨୦୦୦ ଓ ୨୦୦୪ରେ ବିଜେପି ସହ ମିଶି ନବୀନ ଓଡ଼ିଶାରେ ମେଣ୍ଟ ସରକାର ଚଳାଇଥିଲେ । ସବୁକିଛି ଠିକଠାକ ଚାଲିଥିବାବେଳେ କନ୍ଧମାଳ ଦଙ୍ଗା ନବୀନଙ୍କ ମନକୁ ଦୋହଲାଇ ଦେଲା । ଏହି ଘଟଣା ପରେ ବିଜେପି ସହ ସମ୍ପର୍କ ଛିନ୍ନ କରି ୨୦୦୯ରେ ଏକାକୀ ନିର୍ବାଚନ ଲଢ଼ିଲା ବିଜେଡି । ନବୀନଙ୍କ ନେତୃତ୍ୱରେ ସଫଳତା ଆହୁରି ଶୀର୍ଷ ଛୁଇଁଲା । ବିନା ନବୀନରେ ରାଜ୍ୟରେ ବିଜେପିର ସତ୍ତା ପଳାଇଲା । ନବୀନ ପଣ କଲେ- ନା କଂଗ୍ରେସ ବା ବିଜେପି । ଉଭୟ ଜାତୀୟ ଦଳଠାରୁ ସମଦୂରତା ରକ୍ଷା କରି ସେବେଠାରୁ ବାଟ ଚାଲିଛନ୍ତି ନବୀନ । ୨୦୧୨ରେ ନବୀନଙ୍କ ରାଜନୈତିକ ରଥକୁ ଅଟକାଇବା ହୋଇଥିଲା ଆତ୍ମଘାତୀ ଷଡ଼ଯନ୍ତ୍ର । ୨୦୧୨ ମେ' ୨୯ରେ ପୂର୍ବତନ ସାଂସଦ ତଥା ବିଜେଡିର ସେତେବେଳର ପ୍ରଭାବଶାଳୀ ନେତା ପ୍ୟାରୀମୋହନ ମହାପାତ୍ର ରଚିଥିଲେ ମିଡ୍ ନାଇଟ ଅପରେସନ । ନବୀନ ଲଣ୍ଡନରେ ଥିବାବେଳେ ରାତି ଅଧିଆ ସରକାର ଭାଙ୍ଗି ହୋଇଥିଲା ଷଡ଼ଯନ୍ତ୍ର । ମାତ୍ର ସାତ ଦରିଆ ପାର ଥାଇ ବି ସବୁ ଷଡ଼ଯନ୍ତ୍ରକୁ ପଣ୍ଡ କରିଦେଲେ ନବୀନ । ନବୀନଙ୍କ ଲୋକପ୍ରିୟତା ଆହୁରି ବଢ଼ିଲା । ୨୦୧୪ ହେଉ କି ୨୦୧୯ ପ୍ରତି ନିର୍ବାଚନରେ ବିଜେଡିର ସଫଳତା ହାର ବଢ଼ିଛି । ବିଧାନସଭାରେ ସଂଖ୍ୟା ବଢ଼ି ଚାଲିଛି । ନବୀନଙ୍କ ନେତୃତ୍ୱ ଆଗରେ କଂଗ୍ରେସ ଧରାଶାୟୀ ହୋଇଥିବାବେଳେ ବିଜେପି ବି ନବୀନଙ୍କୁ ଏଯାଏଁ ସାମ୍ନା କରିପାରୁନି । ପରିବର୍ତ୍ତନର ଆହ୍ୱାନ କି ମିଶନ ୧୨୦ର ସ୍ଲୋଗାନ, ନବୀନଙ୍କ ଲୋକପ୍ରିୟତା ଆଗରେ ସବୁ ତୁଚ୍ଛ । କାଲି ବି ଅପରାଜେୟ ଥିଲେ.., ଆଜି ବି । ନବୀନଙ୍କୁ ପରାଜିତ କରିବାର ଦମ୍ଭୋକ୍ତି ତ ଦୂରର କଥା, ସେ ସ୍ୱପ୍ନ ବି ଦେଖିବାକୁ ସାହସ ଜୁଟାଇ ପାରୁନାହାନ୍ତି ତାଙ୍କ ପ୍ରତିଦ୍ୱନ୍ଦୀ ।

କେନ୍ଦ୍ରରେ କୌଣସି ଦଳ ସହ ଭାଗିଦାର ନ ଥିଲେ ବି ନବୀନଙ୍କ ଦବଦବା ବଢ଼ିଛି ଜାତୀୟ ରାଜନୀତିରେ । ଓଡ଼ିଶାର ସ୍ୱରକୁ କେନ୍ଦ୍ରରେ ପହଞ୍ଚାଇବାରେ ନବୀନ ନେଇଛନ୍ତି ମୁଖ୍ୟ ଭୂମିକା । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ହେଉ କି ମହାନଦୀ ପାଣି ବିବାଦ ଓଡ଼ିଶାର ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି ନବୀନ ।

ଅନିଚ୍ଛା ସତ୍ତ୍ୱେ ରାଜନୀତିରେ ପାଦ ଥାପିଥିବା ନବୀନ ଆଜି ପୋଖତ ରାଜନେତା । ଲମ୍ବା ଭାଷଣ କି ବ୍ୟକ୍ତିଗତ ଆକ୍ଷେପଠୁ ଢେର ଦୂରରେ ରହି ନବୀନ ଛିଡ଼ା କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । ବିରୋଧୀ ଘନଘନ ଆକ୍ରମଣ କେବେ ବି ନବୀନଙ୍କୁ ବିବ୍ରତ କରିନାହିଁ । ସ୍ମିତ ହାସ୍ୟ ସହ ନବୀନ ବାମ ହାତକୁ ହଲାଇ ଦେଲେ, ଶଙ୍ଖ ଚିହ୍ନରେ ଭୋଟ ଅଜାଡ଼ି ହୋଇଯାଏ । ଯେଉଁ ସ୍ୱଚ୍ଛ, ସରଳ, ନିର୍ମଳ ଭାବମୂର୍ତ୍ତି ନେଇ ନବୀନ ରାଜନୀତି ଆରମ୍ଭ କରିଥିଲେ, ୨୫ ବର୍ଷର ଯାତ୍ରା ଭିତରେ ସେଥିରେ ଦାଗଟିଏ ଲାଗିନି । ମଳିନ ପଡ଼ିନି ନବୀନଙ୍କ ଲୋକପ୍ରିୟତା, ବରଂ ବଢ଼ି ବଢ଼ି ଚାଲିଛି । ପ୍ରଥମ ପାଳି ସରକାରଠାରୁ ଆହୁରି ଅଧିକ ଉତ୍ସାହ ଏ ପଞ୍ଚମ ପାଳି ନେତୃତ୍ୱରେ ।

## ଅଖିଳ ଭାରତୀୟ ଅଘରିଆ ସମାଜର ବୈଠକ, ନିଜର ଜନ ଗଣନା ପାଇଁ ନେଲେ ନିଷ୍ପତ୍ତି

ଝାରସୁଗୁଡା : : ଅଖିଳ ଭାରତୀୟ ଅଘରିଆ ସମାଜର ରାଜ୍ୟ କମିଟିର ବୈଠକ ସଭାପତି ନରେଶ ନାଏକ ଙ୍କର ସଭାପତିତ୍ୱ ଓ ପ୍ରହଲ୍ଲାଦ ନାଏକ ଙ୍କର ପରିଚାଳନାରେ ହଁସାମୁରା କଣ୍ଟାପାଲିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆଗାମୀ ସାଙ୍ଗଠାନିକ ନିର୍ବାଚନ ସହିତ ଜନ ଗଣନା କରାଯିବାକୁ ନିଷ୍ପତ୍ତି ନିଆ ଯାଇଛି । ପଛୁଆବର୍ଗର ଲୋକମାନଙ୍କ ଜନଗଣନା କରାଯିବାକୁ ସରକାରଙ୍କର ଟାଳଟୁଳ ନୀତିକୁ ନାପସନ୍ଦ କରିବା ସହ ସଂଗଠନ ନିଜ ସ୍ତରରେ ଅଘରିଆ ସମାଜର ଜନ ଗଣନା କରିବାକୁ ସଂଗଠନ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଆଣି ଥିବା ପ୍ରସ୍ତାବକୁ ସର୍ବ ସମ୍ମତିକ୍ରମେ ଗ୍ରହଣ କରିବା ସହ ଚାରିଗୋଟି ଆଞ୍ଚଳିକ ବୈଠକ ଡାକିବା ପାଇଁ ସ୍ଥିର ହୋଇଥିଲା । ପ୍ରତ୍ୟେକ ଅଞ୍ଚଳ ପାଇଁ ଦୁଇ ଜଣ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତି କରା ଯାଇଥିଲା । ଏଥି ସହ ସମସ୍ତ ଖାଲି ସ୍ଥାନ ପୂରଣ, ଓ ସମ୍ବିଧାନ ସଂଶୋଧନ ପାଇଁ ଏକ ସବ କମିଟି ଗଠନ କରାଯାଇଥିଲା । ଏହି ସବୁ ପ୍ରସ୍ତାବ ଉପରେ ସଂଗଠନ ସମ୍ପାଦକ ଶ୍ରୀ ନାୟକଙ୍କ ସମେତ ଉପଦେଷ୍ଟା ଗଙ୍ଗାଧର ନାୟକ, ସମ୍ପାଦକ ସନାତନ ନାୟକ, ଉପସଭାପତି ଦୀନ ବନ୍ଧୁ , ନରେଶ ପଟେଲ, ଅଞ୍ଚଳ ସଭାପତି ଗଣ ପ୍ରଜ୍ଜ୍ୱଳ ପଟେଲ, ବନ ମାଳି ନାୟକ, ହରି ଶଙ୍କର ସାଏ, ଯୁବ ସଭାପତି ଯଶୋବନ୍ତ ନାୟକ, ରାମ ଚନ୍ଦ୍ର ପଟେଲ ପ୍ରମୁଖ ଙ୍କର ସମେତ ବିଭିନ୍ନ ମଣ୍ଡଳର ସଭାପତି, ନିର୍ବାଚନ ଅଧିକାରୀ ଓ କର୍ମକର୍ତ୍ତା ଗଣ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋଦୀଙ୍କ ନେତୃତ୍ୱରେ ଆତ୍ମନିର୍ଭର ହୋଇଛି ଭାରତ: ସମୀର

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୮ ବର୍ଷ ନେତୃତ୍ୱରେ ସମାଜର ପ୍ରତ୍ୟେକ ସ୍ତରରେ ବାସ କରୁଥିବା ଲୋକଙ୍କ ଜୀବନ ମାନର ଉତ୍ଥାନ ହୋଇଛି । ଦେଶ କଠିନରୁ କଠିନତମ ପରିସ୍ଥିତି ଓ ଆହ୍ୱାନକୁ ସଫଳତାର ସହ ସାମ୍ନା କରିଛି ବୋଲି ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ମୋଦୀ ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତବର୍ଷର ଆତ୍ମ ବିଶ୍ୱାସ ବୃଦ୍ଧି ପାଇଛି ଓ ଜନତାଙ୍କ ମୌଳିକ ସୁବିଧା ବୃଦ୍ଧି ପାଇଛି । କୃଷକ ଏବଂ ଗରିବଙ୍କ ଆୟ ବଢ଼ିଛି । ଆତଙ୍କବାଦୀ ଏବଂ ଭ୍ରଷ୍ଟାଚାର ବିରୋଧରେ ଶୂନ୍ୟ ସହନଶୀଳତା ଏବଂ କଲ୍ୟାଣକାରୀ ଅର୍ଥ ବ୍ୟବସ୍ଥାର ସଦୁପଯୋଗ ମୂଳମନ୍ତ୍ର ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଅତୀତର କାଗଜ କଲମରେ ସୀମିତ ରହି ଆସୁଥିବା ବିକାଶ ଆଜି ବାସ୍ତବରେ ପରିଣତ ହୋଇଛି । ଗତ ୮ ବର୍ଷରେ ଦେଶର ଗରିବୀ ୨୨ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ ପାଇଛି । ବିଦେଶୀ ମୁଦ୍ରା ଭଣ୍ଡାର ୩୦୦ ଆରବ ଡଲାରରୁ ୬୦୦ ଆରବ ଡଲାରକୁ ବୃଦ୍ଧି ପାଇଛି । ଗତ ୮ ବର୍ଷରେ ୧୭୦ଟି ନୂତନ ମେଡିକାଲ କଲେଜ ଏବଂ ୧୫ଟି ନୂତନ ଏମ୍ସ ପ୍ରତିଷ୍ଠା ହୋଇଛି । ୮ ବର୍ଷରେ ପାଖାପାଖି ୩.୨୫ ଲକ୍ଷ କିଲୋମିଟରର ନୂତନ ରାଜପଥ ନିର୍ମାଣର ସ୍ୱୀକୃତି ମିଳିଛି । ଓଡିଶାରେ ୫୮୯୭ କିମିର ନୂତନ ରାଜପଥ ନିର୍ମାଣ ହୋଇଛି । ଦେଶର ବାର୍ଷିକ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷମତା ୩୧୬,୦୬ ନିୟୁତ ଟନକୁ ବୃଦ୍ଧି ପାଇଛି । ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ୧୧୨.୩୩ ଲକ୍ଷ କୋଟି ଟଙ୍କା ଥିବାବେଳେ ଆଜି ଭାରତ ବର୍ଷର ଜିଡିପି ୨୩୨.୧୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସୁବିଧାରେ ବ୍ୟବସାୟ ଆରମ୍ଭ କ୍ଷେତ୍ରରେ ବିଶ୍ୱର ଷ୍ଟାର୍ଟ ଅପ୍ ଏବଂ ୟୁନିକର୍ଣ୍ଣ ହବ ଭାବେ ଭାରତ ଆଜି ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠିତ କରିଛି । ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ଦେଶରେ ୫୮ ଲକ୍ଷ ବାସଗୃହ ନିର୍ମାଣ ହୋଇଥିବାବେଳେ ଓଡିଶାରେ ୨.୧୩ ଲକ୍ଷ ବାସଗୃହ ନିର୍ମାଣ ହୋଇଛି । ପିଏମ୍ ଉଜ୍ଜ୍ୱଳା ଯୋଜନାରେ ଭାରତବର୍ଷରେ ୯ କୋଟି ଏବଂ ଓଡିଶାରେ ୫୨.୩୫ ଲକ୍ଷ ମହିଳାଙ୍କୁ ମାଗଣା ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଇଛି । କରୋନା ମହାମାରୀ ସମୟରେ ୮୦ କୋଟି ଲୋକଙ୍କୁ ୩.୪୦ ଲକ୍ଷ କୋଟି ଟଙ୍କା ମୂଲ୍ୟ ମାଗଣା ଚାଉଳ, ଗହମ ଓ ଡାଲି ପ୍ରଦାନ କରିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ମୋଦୀ ସରକାର ୩ ଜଣ ଓଡ଼ିଆଙ୍କୁ ରାଜ୍ୟପାଳ ଦାୟିତ୍ୱ ଦେଇଛନ୍ତି । ମୋଦୀ ସରକାର ଅମଳରେ ୫ ଜଣଙ୍କୁ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସାମିଲ କରାଯାଇଛି । ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ଓଡ଼ିଆଙ୍କୁ ନିଯୁକ୍ତି ଦିଆଯିବା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ସାଂସଦ ଅପରାଜିତା ଷଡଙ୍ଗୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ପ୍ରଭାତୀ ପରିଡା ଓ ଅନୀତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଗବତ

## ଦତ୍ତାତ୍ରେୟ ପ୍ରସଙ୍ଗ

ଭ୍ରମର କମଳପୁଷ୍ପ ଦ୍ୱାରା ଆସକ୍ତ ହୋଇ ପରିଶେଷରେ ପ୍ରାଣ ହରାଇ ପକାଇଲା । ଭ୍ରମର କାଠକୁ କଣା କରିଦେଇ ପାରେ । ମାତ୍ର କମଳପୁଷ୍ପର କିଛି କରିପାରେ ନାହିଁ । କାରଣ କମଳ ପ୍ରତି ତାର ଥାଏ ଅତିଶୟ ଆସକ୍ତି । ଏହି ସଂସାର ହେଉଛି କମଳ ଭଳି । ଏହା ଜୀବ-ଭ୍ରମରକୁ ଏହାର ସୁଗନ୍ଧରେ ମୋହିତ କରି ରଖିଥାଏ ଏବଂ ମାନବ ଏଥିରେ ଫସି ରହିଥାଏ । ଭ୍ରମର କମଳ ପୁଷ୍ପରେ ଆତ୍ମହରା ହୋଇ ବସିଥିବା ବେଳେ ଯେତେବେଳେ ପୁଷ୍ପର ପାଖୁଡ଼ାଗୁଡ଼ିକର ଭିତରେ ରହିଯାଏ, ଏହା ପୁଣି ଖୋଲିବ ବୋଲି ଭାବିବାରେ ଲାଗିଥାଏ । କିନ୍ତୁ ହାତୀଟିଏ ଆସି ତାର ସମସ୍ତ ସ୍ୱପ୍ନକୁ ଧୂଳିସାତ୍ କରିଦିଏ । ମଣିଷ ସେହିଭଳି ସାଂସାରିକ ବିଷୟରେ ଫସି ରହି ନିଜକୁ ନଷ୍ଟ କରିବାରେ ଲାଗେ । ତେଣୁ ଯୋଗୀଜନ, ସାଧୁ ପୁରୁଷମାନେ ବିଷୟ ସୁଖ ପ୍ରତି ଅନାସକ୍ତ ହୋଇଥାଆନ୍ତି ।

ବିଷୟ ସୁଖରେ ଆସକ୍ତ ହୋଇ ମଜି ରହିଥିବା ମାନବଙ୍କୁ ହାତୀ-ରୂପୀ କାଳ ଦଳିଚକଟି ନଷ୍ଟ କରିଦିଏ । ସର୍ବସ୍ୱର ମୋହଠାରୁ ପ୍ରଥମରୁ ଯିଏ ଦୂରେଇ ରହି ପ୍ରଭୁଙ୍କ ସହିତ ମନକୁ ଯୋଗ କରିଦେଇଥାଏ, ସେପରି ଜୀବ କେବଳ କାଳକୁ ହରାଇ ଦେଇପାରେ ।

ଭ୍ରମରର କାଠକୁ କଣା କରିଦେବାର ଶକ୍ତି ଥାଏ । ମଣିଷ ମଧ ଅତୀବ ଶକ୍ତିଶାଳୀ । ମଣିଷ ଇଚ୍ଛାକଲେ ନିଜେ ନାରାୟଣ ବି ହୋଇପାରେ । ସେପରି ମଣିଷ କିନ୍ତୁ ପ୍ରଥମରୁ ଆସକ୍ତିକୁ ତ୍ୟାଗ କରିଦେଇଥିବା ଉଚିତ ।

ରାଜନ୍ ! ହାତୀ ବି ମୋର ଗୁରୁ । ସ୍ପର୍ଶ ସୁଖ ହେତୁ ହାତୀକୁ ପ୍ରାଣ ହରାଇବାକୁ ପଡ଼େ । ଲୋକମାନେ ହାତୀ ଖେଦା ଖନନ କରି, ତା'ଉପରେ ଘାସ ପତ୍ର ଘୋଡ଼ାଇ ଦେଇଥାଆନ୍ତି । ଖେଦା ପାଖରେ କାଠର ନକଲି ହସ୍ତିନୀ ରଖି ଦେଇଥାଆନ୍ତି । ହାତୀ ଦତ୍ତାତ୍ରେୟ ପ୍ରସଙ୍ଗ ? ତାହାକୁ ପ୍ରକୃତ ହସ୍ତିନୀ ମନେକରି ସ୍ପର୍ଶସୁଖ ଇଚ୍ଛାରେ ତା ପାଖକୁ ଆସେ ଏବଂ ଖେଦା ଭିତରେ ପଡ଼ି ବନ୍ଦୀ ହୋଇଯାଏ ।

ସାଧକ ସନ୍ୟାସୀ କଦାପି ନାରୀ ସଙ୍ଗ ନ କରୁଥିବା ଉଚିତ । ସାଧୁ ସନ୍ୟାସିନୀମାନେ ସେହିଭଳି ପୁରୁଷଙ୍କ ସଙ୍ଗ ନ କରୁଥିବା ଉଚିତ । ଏପରିକି ମୂର୍ତ୍ତି ସୁଦ୍ଧା ସ୍ପର୍ଶ ନ କରିବା ଉଚିତ ।

ରାଜନ୍ ! ମୋର ଚତୁର୍ଦ୍ଦଶ ଗୁରୁ ହେଉଛି ମହୁମାଛି । ମହୁମାଛି ଅନେକ ପୁଷ୍ପରୁ ମଧୁ ସଂଗ୍ରହ କରେ । ଯୋଗୀ ସେହିଭଳି ମଧୁକରୀରେ ଜୀବନ ନିର୍ବାହ କରିବା ଉଚିତ ।

ମହୁମାଛି ପୁଷ୍ପରୁ କେବଳ ମହୁ ସଂଗ୍ରହ କରେ, ହେଲେ ପୁଷ୍ପର କୌଣସି କ୍ଷତି କରେ ନାହିଁ କି ବିକୃତ କରେ ନାହିଁ । ଠିକ୍ ସେହିଭଳି ଯୋଗୀଜନ କୌଣସି ଗୃହରେ ଅଶାନ୍ତି, କ୍ଷତି ଘଟାଇବା ଭଳି ଅଥବା ଗୃହସ୍ଥକୁ ଉଦ୍‌ବିଗ୍ନ କରିବା ଭଳି ବ୍ୟବହାର ନ କରିବା ଉଚିତ ।

ମହୁମାଛି ପୁଷ୍ପର ସାର ରୂପୀ ମଧୁ ସଂଗ୍ରହ କରେ । ଯୋଗୀଜନ ଶାସ୍ତ୍ରର ସର୍ବସାର ଗ୍ରହଣ କରୁଥିବା ଉଚିତ । ଦତ୍ତାତ୍ରେୟ କହିଲେ, 'ରାଜନ୍ । ମହୁମାଛି ଅତି କଷ୍ଟରେ ସଂଗ୍ରହ କରିଥିବା ମହୁକୁ ଅତି ଯତ୍ନରେ ମହୁଫେଣାରେ ରଖେ । ସେ ତା ନିଜପାଇଁ କମ୍ ଖର୍ଚ୍ଚକରି ଅଧିକ ମହୁ ସଞ୍ଚୟ କରେ । କିନ୍ତୁ ପରିଶେଷରେ ସେହି ସଞ୍ଚିତ ମହୁକୁ ଅନ୍ୟକେହି ନେଇଯାଏ । ସଞ୍ଚୟକାରୀ ମହୁମାଛିକୁ ହତ୍ୟା ବି କରେ । ଏଥିରୁ ଏହି ଶିକ୍ଷା ମିଳିଛି ଯେ ସାଧୁଜନ ଭିକ୍ଷାନ୍ନ ଧନ ଠୁଳ କରି ରଖିବା ଅନୁଚିତ । ଯଦି କେହି ଏପରି ସଞ୍ଚୟ କରେ ତେବେ ସେହି ଧନ ତା ହାତରୁ ଚାଲିଯାଏ ଏବଂ ଧନ ଚାଲିଯିବାରୁ ସେ ଅଧିକ ଚିନ୍ତାମଗ୍ନ ମଧ ହୋଇଯାଏ । ଏହି କଥା ସତ୍ୟ ଯେ ସାଧୁର ଧନ ଓ ବେଶ୍ୟାର ଯୌବନ ଉପରେ ସମସ୍ତଙ୍କର ଦୃଷ୍ଟି ଥାଏ ।

ଏହି କଥା ମଧ ସତ୍ୟ ଯେ ଧନ ସଂଗ୍ରହ ଦ୍ୱାରା ଲାଭ ହୁଏ, ଲାଭରୁ ଲୋଭ ବଢ଼େ । ଆଉ ଏହି ଲୋଭ ହେଉଛି ପାପର ମୂଳ । ଯେଉଁ ଲୋକ ଅଧିକ ଧନ ସଞ୍ଚୟ କରେ ସେ ଗୃହସ୍ଥ ଠାରୁ ବି ଅଧିକ ପାପୀ ହୋଇଥାଏ ।

ଗୃହସ୍ଥ ଦାନ ଧର୍ମ କରିବା ଉଦ୍ଦେଶ୍ୟରେ ଧନ ସଞ୍ଚୟ କରେ । ପରୋପକାର ହେଉଛି ଗୃହସ୍ଥର ଏକ ମହାନ୍ କାର୍ଯ୍ୟ । କିନ୍ତୁ ସାଧୁର ତାର ପରୋପକାର କରିବାର କୌଣସି ଆବଶ୍ୟକତା ନ ଥାଏ । ସେ ତ ଜଗତଠାରୁ ଆତ୍ମୀୟତା ଓ ମମତା ମୂଳରୁ ତୁଟାଇ ଦେଇଥାଏ । ସେପରି ସାଧୁ କୌଣସି ପ୍ରକାର ସଞ୍ଚୟର ଭାବ ନ ରଖୁଥିବା ସ୍ୱାଭାବିକ ହେବା କଥା ।

ରାଜନ ! ମୋର ପଞ୍ଚଦଶ ଗୁରୁ ହରିଣ । ବ୍ୟାଧର ବଂଶୀ ସ୍ୱନରେ ହରିଣ ଆକର୍ଷିତ ହୋଇ, ଆତ୍ମହରା ହୋଇ ମୃତ୍ୟୁମୁଖରେ ପତିତ ହେଉଥିବା ଦୃଶ୍ୟ ଦେଖିଛି । ଏଥିରୁ ମୁଁ ଜାଣିଲି ଯେ, ଯେଉଁ ଗୀତ, ଛନ୍ଦ, ସ୍ୱର, ଲୟରେ ପ୍ରାକୃତ ତାନ ବା ପ୍ରାକୃତ ପୁରୁଷର ଶୃଙ୍ଗାର ବର୍ଣ୍ଣିତ ହୋଇଛି ତାହା ଭୁଲରେ ସୁଦ୍ଧା ଶ୍ରବଣୀୟ ନୁହେଁ । ସେପରି ଗୀତ ଶୁଣିବା ଦ୍ୱାରା ହରିଣର ଦୁର୍ଦ୍ଦଶା ଭୋଗ କରିବାକୁ ହୋଇଥାଏ ।

ଏକଦା ବିଭାଣ୍ଡକ ପୁତ୍ର ଋଷ୍ୟଶୃଙ୍ଗ ଏପରି ସ୍ତ୍ରୀମାନଙ୍କ ସୁଲଳିତ ସଙ୍ଗୀତ, ହାବଭାବ ତଥା କଟାକ୍ଷ ଯୁକ୍ତ ନୃତ୍ୟ ଆଦିରେ ଫସିଯାଇ, ଆତ୍ମବିସ୍ମୃତ ହୋଇ ସେମାନଙ୍କର ବଶ୍ୟତା ସ୍ୱୀକାର କରିବାକୁ ବାଧ ହୋଇଥିଲେ । ମାନବ ହୃଦୟରେ ସଙ୍ଗୀତର ତୀକ୍ଷ୍ଣ ପ୍ରଭାବ ପଡ଼ିଥାଏ । ଏହି ଶିକ୍ଷା ମୁଁ ମୋର ପଞ୍ଚଦଶ ଗୁରୁ ହରିଣଠାରୁ ଗ୍ରହଣ କରିଛି ।

ରାଜନ୍ ! ମତ୍ସ୍ୟ ହେଉଛି ମୋର



ଷୋଡ଼ଶ ଗୁରୁ । ଜିହ୍ୱାର ରସାସ୍ୱାଦନ ଲାଳସା ମାଛକୁ ମୃତ୍ୟୁମୁଖରେ ପକାଏ । ବଂଶୀରେ ଲାଗିଥିବା ମାଂସ ଖଣ୍ଡକୁ ଖାଇବାକୁ ଯାଇ ମାଛ ଧରାପଡ଼େ ଓ ମରେ । ମଣିଷକୁ ବି ଏହି ଜିହ୍ୱା ଅତି ହିନସ୍ତା କରେ । ଜଣେ ସମସ୍ତ ଇନ୍ଦ୍ରିୟ ଉପରେ ବିଜୟଲାଭ କରି ସୁଦ୍ଧା ଯଦି ଜିହ୍ୱା ଲାଳସା ଉପରେ ବିଜୟ ଲାଭ ନ କରିଥାଏ ତେବେ ତାର ସମସ୍ତ ପରିଶ୍ରମ ବୃଥା ହୋଇଥାଏ । ଯିଏ ରସନାକୁ ଜିତି ପାରିଥାଏ ସେ ସର୍ବସ୍ୱକୁ ଜୟ କରିଥାଏ ।

ଅବଧୂତ ଦତ୍ତାତ୍ରେୟ ଏହିଭଳି ଶବ୍ଦ, ସ୍ପର୍ଶ, ରସ, ରୂପ ଓ ଗନ୍ଧ ଏହି ପାଞ୍ଚଟି ଯାକ ବିଷୟରେ ଚର୍ଚ୍ଚା କଲେ । ଗୋଟିଏ ଗୋଟିଏ ବିଷୟ ସେବନ ଦ୍ୱାରା ହାତୀ, ଭ୍ରମର ଆଦି ନାଶ ହୋଇଥାନ୍ତି । ସେପରି ସ୍ଥଳରେ ସମସ୍ତ ବିଷୟକୁ ସେବନ କରୁଥିବା ମନୁଷ୍ୟଙ୍କ ଦୁର୍ଦ୍ଦଶା ଓ ଦୁର୍ଗତି କ'ଣ ନ ହେଉଥିବ ? ମୃତ୍ୟୁ ହେବା ପରେ ଘରେ ଗରୁଡ଼ ପୁରାଣ ଶୁଣାଯାଏ । କିନ୍ତୁ ଗରୁଡ଼ ପୁରାଣ ମନୁଷ୍ୟମାନେ ମୃତ୍ୟୁ ପୂର୍ବରୁ ଶୁଣିବା ଉଚିତ ।

ପତଙ୍ଗ, ହାତୀ, ହରିଣ, ଭ୍ରମର ଓ ମାଛି ମାତ୍ର ଗୋଟିଏ ବିଷୟ ହେତୁ ମୃତ୍ୟୁ ବରଣ କରିଥାନ୍ତି । ପାଞ୍ଚଟିଯାକ ବିଷୟ ଉପଭୋଗ କରୁଥିବା ମଣିଷ କିପରି ବା ନ ମରନ୍ତା ?

ରାଜନ୍ ! ମୁଁ ବେଶ୍ୟାକୁ ବି ମୋର ଗୁରୁ କରିଛି । ମିଥିଳାରେ ପିଙ୍ଗଳା ନାମରେ ଏକମାତ୍ର ବେଶ୍ୟା ଥିଲା । ବିଦେହ ରାଜ ନୃତ୍ୟପ୍ରିୟ ହୋଇ ନ ଥିବାରୁ ନର୍ତ୍ତକୀ ପିଙ୍ଗଳା ବେଶ୍ୟାବୃତ୍ତିରେ ଆଜୀବିକା ନିର୍ବାହ କରୁଥିଲା । ସେ ଦିନେ କୌଣସି ଧନୀ ଗ୍ରାହକକୁ ଅପେକ୍ଷା କରି କରି ସାରା ରାତି ଉଜାଗର ରହିଥିଲା । ପରିଶେଷରେ ତାକୁ ନିରାଶ ହେବାକୁ ପଡ଼ିଲା । ଏପରି ହୁଏତ ଅନେକ ଥର ସେ ନିରାଶ ହୋଇଥବ । ଦିନେ ସେ ମନେମନେ ଭାବିଲା, କାମୀ ପୁରୁଷଙ୍କ ପାଇଁ ଉଜାଗର ରହି ଜଗିବା ଅପେକ୍ଷା ପ୍ରଭୁଙ୍କ ପାଇଁ ଉଜାଗର ରହି ତାଙ୍କୁ କାହିଁକି ପାଇବା ପାଇଁ ଇଚ୍ଛା କରିବି ନାହିଁ । ଆଜିଠାରୁ ମୁଁ ପ୍ରଭୁଙ୍କ ପାଇଁ ହିଁ, ପ୍ରଭୁଙ୍କୁ ପ୍ରସନ୍ନ କରିବା ପାଇଁ ଯତ୍ନ କରିବି । ନିରାଶା'ରୁ ତାର ଉତ୍କଟ ବୈରାଗ୍ୟ ହୋଇଗଲା ଓ ସେ ଜଣେ ପ୍ରଭୁଭକ୍ତ ହୋଇଗଲା ।

ରାଜନ୍ ! ଆଶା ହେଉଛି ବନ୍ଧନ । ଆଶା ନଥିଲେ ସଂସାରରେ ସମସ୍ତେ ମୁକ୍ତ ଥାଆନ୍ତେ । ଆଉ ଆଶା ରୂପ ବନ୍ଧନକୁ କେବଳ ବୈରାଗ୍ୟ ରୂପକ ଅସ୍ତ୍ରଦ୍ୱାରା ଛେଦନ କରାଯାଇ ପାରେ । ଯାହାର ମନରେ ପ୍ରକୃତ ବୈରାଗ୍ୟ ଜାତ ହୁଏ ତାକୁ ସଂସାରରେ କେହି ବାନ୍ଧି ରଖି ପାରନ୍ତି ନାହିଁ । କାଳମୁଖରେ ପଡ଼ିଥିବା ଜୀବାତ୍ମାର ରକ୍ଷା ପ୍ରଭୁଙ୍କ ଛଡ଼ା ଆଉ କେହି କରିପାରନ୍ତାକି ?

ଏହି ଜଗତରେ ଆଶା ହେଉଛି ପରମ ଦୁଃଖ ଆଉ ନିରାଶା ପରମ ସୁଖ । ତେବେ ସୁଖକୁ ବି କେବେ ଆଶା ନ କରୁଥିବା ଉଚିତ । ।

ଆଶାପାଶ (ଶିକୁଳି) ମଣିଷଙ୍କୁ କେତେଦୂର ପର୍ଯ୍ୟନ୍ତ ଜାବୋଡ଼ି ବାନ୍ଧି ରଖିଛି ଏହାକୁ ସ୍ୱାମୀ ଶଙ୍କରାଚାର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି- ଶରୀର ପିଗିଳି ଯାଏ, କେଶ ଶ୍ୱେତ ହୋଇଯାଏ, ଦାନ୍ତ ଝଡ଼ିପଡ଼େ, ଅଣ୍ଟା ଭାଙ୍ଗିଯିବାରୁ ଲଉଡ଼ି ଆଶ୍ରୟ କରିବାକୁ ପଡ଼େ - ତେବେ ବି ବୁଢ଼ା ଆଶା ପିଣ୍ଡ ତ୍ୟାଗ କରିପାରେ ନାହିଁ । ଏପରି ବୃଦ୍ଧଙ୍କ ଭଳି ଆଚରଣ ନ କରି ଭଗବାନଙ୍କୁ ଭଜନ କରିବା ଉଚିତ ।

ଭକ୍ତକବି ମହାପୁରୁଷ ଜଗନ୍ନାଥ ଦାସ ତେଣୁ ଲେଖୁଛନ୍ତି-

ପରମ ସୁଖ ବଇରାଗ । ଆଶା
ପରମ ଦୁଃଖ ଯୋଗ ।
ଏଣୁ ସକଳ ଆଶା ତେଜି ।
କୃଷ୍ଣଚରଣ ଦୃଢ଼େ ଭଜି ।

ସ୍ୱାମୀ ଶଙ୍କରାଚାର୍ଯ୍ୟ ଜନସମୁଦାୟକୁ ଉପଦେଶ ଦେଇ କହିଛନ୍ତି-

ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ
ଗୋବିନ୍ଦଂ ଭଜ ମୂଢ଼ମତେ । ।

ବସ୍ତୁତଃ, କାମର ଭୋଗୈଷଣା ସବୁଠାରୁ ବେଶୀ ଦୁଃଖ ଦେଇଥାଏ । କାମକୁ ତେଣୁ ଅନ୍ଧତା ସହିତ ତୁଳନା କରା ହୋଇଛି ।

ବିତ୍ତୈଷଣା ଆଉ ଏକ ଅତୀବ ଦୁଃଖଦାୟୀ ବାସନା । ମଣିଷକୁ ଯେଉଁ ଯେଉଁ ବସ୍ତୁପ୍ରତି ମମତା ଜାତ ହୋଇଥାଏ ସେହି ପ୍ରକାର ବସ୍ତୁ ସଞ୍ଚୟ କରିବା ହିଁ ଦୁଃଖଦାୟୀ ହୋଇଥାଏ । ଧନାର୍ଜନରେ ସମର୍ଥ ଥାଇ ଯିଏ ତାହା ତ୍ୟାଗକରେ ସେଇ ହିଁ ପ୍ରକୃତ ସୁଖ ଲାଭ କରେ ।

ରାଜନ୍ ! କୁରରୀ ପକ୍ଷୀ ବି ମୋର ଗୁରୁ । ତ୍ୟାଗ ଦ୍ୱାରା ଆନନ୍ଦ ତ ମିଳେ ତତ୍‌ସହ ଜୀବନ ବି ରକ୍ଷା ପାଇଯାଏ । ଏହା ମୁଁ କୁରରୀ ପକ୍ଷୀଠାରୁ ଶିକ୍ଷା କଲି । ମାଂସ ଖଣ୍ଡକୁ ଚଞ୍ଚୁରେ ଧରି ଉଡୁଥିବା ପର୍ଯ୍ୟନ୍ତ ବଳବାନ୍ ଛଞ୍ଚାଣ ବାଜପକ୍ଷୀ ଆଦି ତାକୁ ଆକ୍ରମଣ କରି ସେହି ମାଂସ ଖଣ୍ଡକୁ ଛଡ଼ାଇ ନେବା ପାଇଁ ଉଦ୍ୟମ କରୁଥିଲେ । କୁରରୀ ମାଂସ ଖଣ୍ଡକୁ ଛାଡ଼ିଦେବା ମାତ୍ରେ ରକ୍ଷା ପାଇଯାଇଥିଲା । ତେଣୁ ମୁଁ ମଧ ସଂଗ୍ରହ ବଦଳରେ ସମସ୍ତ ତ୍ୟାଗର ଶିକ୍ଷା ଏହାଠାରୁ ଲାଭ କଲି ।

ରାଜନ୍ ! ଶିଶୁ ବି ମୋର ଗୁରୁ । ବାଳକଙ୍କ ମାନ ଅପମାନ ପ୍ରତି ଧ୍ୟାନ ନ ଥାଏ । ସେମାନଙ୍କର କୌଣସି ପ୍ରକାର ସାଂସାରିକ ଚିନ୍ତା ବି ନ ଥାଏ । ବାଳକ ସବୁବେଳେ ମଉଜରେ ହିଁ ରହିଥାଏ ।

ରାଜନ୍ ! ଶିଶୁମାନଙ୍କ ଭଳି ନିଃଶଙ୍କ ଭାବରେ ମୁଁ ବିଚରଣ କରିବାକୁ ଭଲ ପାଏ । ମୁଁ ମୋର ଆତ୍ମା ସହିତ କ୍ରୀଡ଼ା କରୁଥାଏ, ଆତ୍ମା ସହିତ ରତି କରୁଥାଏ । ମୋ ପାଇଁ ସଂସାରରେ, ପ୍ରକୃତିରେ ଯାହା ସବୁ ଘଟୁଛି, ସେ ସମସ୍ତ ହେଉଛି ଖେଳ ।

ରାଜନ୍ ! କୁମାରୀ କନ୍ୟାକୁ ବି ମୁଁ ମୋର ଗୁରୁ କରିଛି । କୁମାରୀ କନ୍ୟା କିପରି ମୋର ଗୁରୁ ହେଲା ସେ କଥା କହୁଛି ଶୁଣନ୍ତୁ ।

ଜଣେ ପଣ୍ଡିତଙ୍କ ଝିଅଟିଏ ଥିଲା । ବିଭାବୟସ ବି ହୋଇ ଯାଇଥିଲା । ତାକୁ ଦେଖିବା ପାଇଁ ବରପକ୍ଷର କେତେଜଣ ତା ଘରକୁ ଆସିଥିଲେ । ଘରେ ସେ ସେଦିନ ଏକାକୀ ଥିଲା । କୁଣିଆ ସତ୍କାର ପାଇଁ କିଛି ନଥିଲା । ତେବେ ଘରେ ଧାନ ଥିଲା । ଘରେ କିଛି ନାହିଁ, ଅତିଥି ସତ୍କାର ନାହିଁ, ଏପରି ଘରୁ କିଏ କ'ଣ ଝିଅ ନିଏ ? ଝିଅଟି କିନ୍ତୁ ଅତି ବୁଦ୍ଧିମତୀ ଥିଲା । ଘର ମହତ ପଦାରେ କ'ଣ ସେ ପକାଇ ଦିଅନ୍ତା । ସେ କୁଣିଆଙ୍କୁ ବାଟଘରେ ବସାଇ ବାଡ଼ିପଟକୁ ଚାଲିଗଲା । କିଛି ଧାନ ନେଇ ହେମଦସ୍ତାରେ କୁଟି ଚାଉଳ କରିବାର ପ୍ରୟାସ କଲା । ଝିଅଟି ହାତରେ ଚୁଡ଼ି ପିନ୍ଧିଥିଲା । ହେମଦସ୍ତାରେ ଚାଉଳ କୁଟିବା ବେଳେ ଚୁଡ଼ି ଝଣ ଝଣ ହେଲା । ଚୁଡ଼ିର ଝଣଝଣ ଶବ୍ଦରେ ବି ଘର ମହତ ପଦାରେ ପଡ଼ିଯାଇ ପାରେ । ଏହା ଜାଣି ସେ ହାତରୁ ଚୁଡ଼ି ବାହାର କରି ପଟେ ପଟେ ପିନ୍ଧିଲା । ଆଉ ଶବ୍ଦ ହେଲା ନାହିଁ । ସେ କାମ ସୂଚାରୁ ରୂପେ ସାରି ଅତିଥିଙ୍କୁ ସନ୍ତୁଷ୍ଟ କରିଥିଲା ।

ରାଜନ୍ ! ଏ ସମସ୍ତ କଥା ମୁଁ ବାରଣ୍ଡାରେ ବସି ଦେଖୁଥିଲି । ବହୁତ ଲୋକ (ହାତରେ ଅନେକ ଚୁଡ଼ି ଭଳି) ଏକାଠି ଗୋଟିଏ ସ୍ଥାନରେ ରହିଲେ କୋଳାହଳ, ଝଗଡ଼ା ଉତ୍ପନ୍ନ ହୋଇଥାଏ । ଏକାକୀ ନିଃସଙ୍ଗ ଭାବରେ ରହିଲେ ଚିତ୍ତବୃତ୍ତି, ଇନ୍ଦ୍ରିୟ ବୃତ୍ତି ବାହାରକୁ କୁଆଡ଼େ ଯାଏନାହିଁ । ଏଣୁ ଏକାକୀ ନିଃସଙ୍ଗ ଭାବରେ ରହିବା ମୁଁ ଏହି କୁମାରୀ କନ୍ୟା ଠାରୁ ଶିକ୍ଷା କରିଛି ।

# ପରିବର୍ତ୍ତନ ଦ୍ୱାରଦେଶରେ ଓଡ଼ିଆ ଚଳଚ୍ଚିତ୍ର

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ବ୍ୟାପକ ପରିବର୍ତ୍ତନ ଦ୍ୱାର ଦେଶରେ ଉପନୀତ । ଆନ୍ତର୍ଜାତିକ ସ୍ତରରେ ଚଳଚ୍ଚିତ୍ରର ସଂଜ୍ଞା ବଦଳି ଚାଲିଥିବା ଅବସରରେ ଓଡ଼ିଆ କାହିଁକି କୌଣସି ଆଞ୍ଚଳିକ ଭାଷାର ଚଳଚ୍ଚିତ୍ର ଶିଳ୍ପ ସେହି ପ୍ରକ୍ରିୟାରୁ ନିବୃତ୍ତ ରହି ପାରମ୍ପରିକ ଆଙ୍ଗିକ ବଜାୟ ରଖିବା ଆଶା ଅମୂଳକ ।

ବିଂଶ ଶତାବ୍ଦୀ ଆରମ୍ଭରୁ ଚଳଚ୍ଚିତ୍ର ପ୍ରେକ୍ଷାଳୟ-ପ୍ରଦର୍ଶନ-କେନ୍ଦ୍ରୀକ ଶିଳ୍ପରୂପେ ବିକଶିତ ହୋଇଥିଲା । ବିକଶିତ ରାଷ୍ଟ୍ରଗୁଡ଼ିକରେ ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ଏବଂ ଭାରତରେ ଶେଷ ଦୁଇ ଦଶକରେ ଟେଲିଭିଜନ ପ୍ରସାର ପରେ ମଧ ଚଳଚ୍ଚିତ୍ର ପ୍ରଦର୍ଶନର ବିକଳ୍ପ ମଞ୍ଚ ପ୍ରଚଳନରେ ପ୍ରେକ୍ଷାଳୟ ପ୍ରଦର୍ଶନ ବିଶେଷ କ୍ଷତିଗ୍ରସ୍ତ ହେବା ଆକଳନ କରାଯାଇପାରୁନଥିଲା । ତେବେ ଚଳଚ୍ଚିତ୍ର ପ୍ରଯୋଜନା ଓ ପ୍ରଦର୍ଶନର ମୌଳିକ ଢ଼ାଞ୍ଚା ନୀରବରେ ବଦଳି ଚାଲିଥିଲା ।

ଏକବିଂଶ ଶତାବ୍ଦୀ ଆରମ୍ଭରୁ ଇଣ୍ଟରନେଟ୍ ମଞ୍ଚର ପ୍ରସାର ଦ୍ୱିତୀୟ ଦଶକରେ ସ୍ମାର୍ଟଫୋନ ବ୍ୟବହାର ସହ ଓଭର-ଦି-ଟପ ପ୍ରସାରଣର ଲୋକପ୍ରିୟତା ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ବ୍ୟବସାୟକୁ ଦୋହଲାଇ ଦେଇଥିଲା । 'କୋଭିଡ଼-୧୯' ମହାମାରୀ ପୂର୍ବରୁ ଯେଉଁ ପରିବର୍ତ୍ତନ ନିମନ୍ତେ ପୂର୍ବ-ପ୍ରସ୍ତୁତି ଚାଲିଥିଲା ତାହା ମହାମାରୀ କାଳରେ ଦୀର୍ଘ ଦୁଇବର୍ଷ ଧରି ଚଳଚ୍ଚିତ୍ର ପ୍ରେକ୍ଷାଳୟ ପ୍ରଦର୍ଶନ ବନ୍ଦ ଫଳରେ ଉଭୟ ଚଳଚ୍ଚିତ୍ର ପ୍ରଯୋଜନା ଓ ପ୍ରଦର୍ଶନ ବ୍ୟବସ୍ଥାକୁ ଓଲଟପାଲଟ କରି ପକାଇଲା । ମହାମାରୀ-ପର ପରିବର୍ତ୍ତିତ ପରିବେଶ 'ନିଉ-ନରମାଲ'ରେ ଚଳଚ୍ଚିତ୍ର ଶିଳ୍ପକୁ ନୂତନ ଆଙ୍ଗିକରେ ନିଜକୁ ସଜାଡ଼ିବା ବାଧ୍ୟବାଧକତାରେ ପରିଣତ ହୋଇଛି ବୋଲି କହିବାକୁ ହେବ ।

ଓଡ଼ିଶାରେ ୧୯୨୮ରୁ ସ୍ଥାୟୀ ଚଳଚ୍ଚିତ୍ର ପ୍ରେକ୍ଷାଳୟ ପ୍ରଦର୍ଶନର ୯୪ ବର୍ଷ, ୧୯୩୬ରୁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ୮୬ ବର୍ଷର ଇତିହାସ ରହିଥିଲେ ହେଁ ୧୯୭୬ରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣରେ ନବଜାଗରଣପରଠୁ ୪୬ ବର୍ଷ ଧରି ଉଲ୍ଲେଖନୀୟ ଅଗ୍ରଗତି ଲକ୍ଷ୍ୟ କରାଯାଇପାରେ । ମହାମାରୀ କାଳରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜନା ଓ ପ୍ରଦର୍ଶନ ଦୁଇ ବର୍ଷ ଧରି କ୍ଷତିଗ୍ରସ୍ତ ହେବା ପରେ ମହାମାରୀ-ପର ପରିବର୍ତ୍ତିତ ପରିବେଶରେ କେତୋଟି ମୌଳିକ ପରିବର୍ତ୍ତନ ବିତର୍କର ବିଷୟବସ୍ତୁ ପାଲଟିଥିଲା ।

ପ୍ରଥମତଃ, ପ୍ରେକ୍ଷାଳୟ ପ୍ରଦର୍ଶନ ଦୀର୍ଘଦିନ ବନ୍ଦ ରହିଥିବା, ବ୍ୟବସାୟରେ କ୍ରମାଗତ ମନ୍ଦାବସ୍ଥା ଫଳରେ ପ୍ରେକ୍ଷାଳୟ ସଂଖ୍ୟା କମି ଆସୁଥିବା କାରଣରୁ ଓଡ଼ିଆ ଚଳଚ୍ଚିତ୍ର ୨୦୨୨ ସୁଦ୍ଧା ଟେଲିଭିଜନ ଓ ମୋବାଇଲ ପରଦା କେନ୍ଦ୍ରୀକ ପ୍ରଦର୍ଶନ ଆଶ୍ରିତ ମଡ଼େଲରେ ବିକଶିତ ହେବାରେ ଲାଗିଛି । ଫଳରେ ଟେଲିଭିଜନ ଚ୍ୟାନେଲଗୁଡ଼ିକ ସଂଖ୍ୟାଧିକ ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜକ । ପ୍ରେକ୍ଷାଳୟ ପ୍ରଦର୍ଶିତ ଓ ଟେଲିଭିଜନ ପ୍ରଦର୍ଶିତ ଚଳଚ୍ଚିତ୍ର ପ୍ରଯୋଜନା ମଡ଼େଲ ଭିନ୍ନ ରହିବା ସ୍ୱାଭାବିକ । ଟେଲିଭିଜନ ପ୍ରଦର୍ଶନର ଆୟକୁ ଭିତ୍ତିକରି ପ୍ରଯୋଜନା ବ୍ୟୟ ହିସାବ ଯୁକ୍ତିଯୁକ୍ତ ।

ଫଳରେ ମହାମାରୀ-ପର ପରିବେଶରେ ଓଡ଼ିଆ ଟେଲିଭିଜନ ବଜାରକୁ ଭିତ୍ତିକରି ଚଳଚ୍ଚିତ୍ର ପ୍ରଯୋଜନା ଖର୍ଚ୍ଚ ୧୫ ରୁ ୧୭ ଲକ୍ଷକୁ କମି ଆସିଛି । ଏହି ପରିବର୍ତ୍ତନରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ବୃତ୍ତିଗତଭାବେ ନିୟୋଜିତ ସୃଜନ ଓ ବୈଷୟିକ କର୍ମୀ କ୍ଷୁବ୍ଧ । କିନ୍ତୁ ଅପରପକ୍ଷରୁ ବିଚାର କଲେ ଓଡ଼ିଶାରେ ଯଦି ପ୍ରେକ୍ଷାଳୟ ସଂଖ୍ୟା ୨୦୦୦ରେ ୨୦୦ରୁ ୨୦୧୫ରେ ୮୫ ଏବଂ ୨୦୨୨ରେ ୭୦କୁ କମି ଆସିଲାଣି ଏବଂ ଟେଲିଭିଜନ ପ୍ରସାରଣକୁ ଆଶ୍ରୟକରି ଆଗକୁ ବଢ଼ିବାକୁ ହେବ, ତେବେ ଟେଲିଭିଜନ ଆୟକୁ ଭିତ୍ତିକରି ବ୍ୟୟ ବ୍ୟତୀତ ଅନ୍ୟ କ'ଣ ଉପାୟ ଅଛି ?

ଦ୍ୱିତୀୟତଃ, ଅଭିଯୋଗ ଉଠେ ଏଣିକି ଦୁଇ ସପ୍ତାହରେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ସରୁଛି । ତିନି ଦିନରେ ଗୀତ ରେକର୍ଡ଼ିଂ ଓ ସାତ ଦିନରେ ସୁଟିଂ ସୀମିତ । ଟେଲିଭିଜନ ଚ୍ୟାନେଲ ନିମନ୍ତେ ଚଳଚିତ୍ର ନିର୍ମାଣ ପଦ୍ଧତି ପାରମ୍ପରିକ ଚଳଚ୍ଚିତ୍ର ନିର୍ମାଣ ଧାରାଠାରୁ ଭିନ୍ନ । ଭାରତ ସ୍ୱାଧୀନତା ଲାଭ କଲାବେଳକୁ ବଲିଉଡ଼୍‌ରେ ଦୈନନ୍ଦିନ ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩ଟା ୪ରୁ ଆରମ୍ଭ ହୋଇ ରାତି ୧୦ରୁ ୧୧ ଯାଏଁ ଚାଲୁଥିଲା । ସୁଟିଂ ଫ୍ଲୋର କିମ୍ବା ଏଡ଼ିଟିଂ ଟେବୁଲରେ ସ୍କ୍ରିପ୍ଟର ଗୁରୁତ୍ୱ ରହୁନଥିଲା । ନିର୍ଦ୍ଦେଶକ କିମ୍ବା ଷ୍ଟାର ଚାହିଁଲେ ତତକ୍ଷଣାତ ଚଳଚ୍ଚିତ୍ରର ରୂପରେଖ ବଦଳି ଯାଉଥିଲା । କିନ୍ତୁ 'ଜଂଜିର', 'ସୋଲେ' ପରେ କେବଳ ସ୍କ୍ରିପ୍ଟର ଗୁରୁତ୍ୱ ବଢ଼ିଲାନି, ସ୍କ୍ରିନ-ପ୍ଲେ ଲେଖା ସରିବାପରେ ଅଧ-ଡ଼ଜନେ ସ୍କ୍ରିପ୍ଟ-ଟେଷ୍ଟର ସମୀକ୍ଷା କରିବା ଧାରା ଆରମ୍ଭ ହେଲା ।

ଏକବିଂଶ ଶତାବ୍ଦୀ ଆରମ୍ଭରୁ ବଲିଉଡ଼୍‌ରେ ସୁଟିଂ ଓ ଏଡ଼ିଟିଂ ପ୍ରାୟତଃ ୯ ରୁ ୫ କାର୍ଯ୍ୟନିର୍ଘଣ୍ଟକୁ ଆବୋରି ନେଇଛି । ଏଥିପାଇଁ ବଲିଉଡ଼ ଚଳଚ୍ଚିତ୍ର ପ୍ରଯୋଜନାରେ ବୈଦେଶିକ ଆର୍ଥିକ ନିବେଶ, ଷ୍ଟୁଡ଼ିଓ ସଂସ୍କୃତିର ବିକାଶ ଓ ଟେଲିଭିଜନ ପ୍ରୋଡ଼କସନର ପ୍ରଭାବକୁ ଦାୟୀ କରାଯାଇପାରେ ।

ତୃତୀୟତଃ, ଉଭୟ ଚଳଚ୍ଚିତ୍ର ଓ ଟେଲିଭିଜନ କାର୍ଯ୍ୟକ୍ରମ ନିର୍ମାଣଲାଗି ବୈଷୟିକ କାରିଗରୀ କୌଶଳରେ ଅଗ୍ରଗତି ସମଗ୍ର ସୃଜନ ଓ ପ୍ରଦର୍ଶନ ପରିଧିରେ ବ୍ୟାପକ ପରିବର୍ତ୍ତନର ସୂତ୍ରଧର । ସ୍ୱାଧୀନତା ପୂର୍ବବର୍ତ୍ତୀ ଅବସ୍ଥାରେ ବଲିଉଡ଼୍‌ରେ ଗୋଟିଏ ସଟ ନେବା ପାଇଁ ଅନ୍ୟୁନ ଦେଢ଼ରୁ ଦୁଇ ଘଣ୍ଟା ବିନିଯୋଗ ଏବଂ କ୍ୟାମେରା ବୋହିବା ନିମନ୍ତେ ଟ୍ରଲି କିମ୍ବା କ୍ରେନ ସହ ଦୁଇ ଚାରିଜଣ ସହଯୋଗୀ ଆବଶ୍ୟକ ପଡୁଥିଲା । ସେହିପରି ସାଧାରଣରେ ଦଶ ମିଟର ଫିଲ୍ମ ଏଡ଼ିଟିଂ ପାଇଁ ଦଶ ଘଣ୍ଟା ବଦଳରେ ବର୍ତ୍ତମାନ ଦଶ ମିନଟରେ ସମ୍ଭବ ହୋଇପାରୁଛି । ବିନା ଲାଇଟରେ ସୁଟିଂଠାରୁ ଆରମ୍ଭ କରି ଟେମ୍ପ୍ଲେଲେଟ ବ୍ୟବହାରରେ ଏଡ଼ିଟିଂ ଯାଏଁ ଚଳଚ୍ଚିତ୍ର ନିର୍ମାଣ ଲାଗି ବିବିଧ ସୁବିଧା ସୁଯୋଗ ଉପଲବ୍ଧ । ଓଡ଼ିଆ ଚଳଚ୍ଚିତ୍ର କ'ଣ ଏଗୁଡ଼ିକ ବ୍ୟବହାର କରିବନି ?

ପ୍ରଶ୍ନଉଠେ, ଏହି ପରିବର୍ତ୍ତିତ ପରିବେଶ 'ନ୍ୟୁ-ନରମାଲ'ରେ ସୃଜନ ହଜି ଯାଉନି ତ ? ମୋଟରୁ ନୁହେଁ, ବରଂ ସୃଜନର ପରିସର ବ୍ୟାପି ଲାଭ କରିଛି । ସପ୍ତାହକର ସୁଟିଂ ପାଇଁ ଆଲଫ୍ରେଡ଼ ହିଚକକ୍, ସତ୍ୟଜିତ ରାୟ, ଶ୍ୟାମ ବେନେଗାଲ କେତେ ସମୟ ପୂର୍ବ ପ୍ରସ୍ତୁତିରେ ସମୟ ବିନିଯୋଗ କରିଥାନ୍ତି । ସ୍କ୍ରିନ-ପ୍ଲେ ରାଇଟିଂରେ କେତେ ଥର ଡ୍ରାଫ୍ଟ ବଦଳାଯାଏ ? ଦୃଶ୍ୟାବଳୀର ସୁକ୍ଷ୍ମାତିସୁକ୍ଷ୍ମ ବିଶ୍ଳେଷଣ ପାଇଁ ପ୍ରପର୍ଟି ଖୋଜିବାରେ କେତେ ସ୍ଥାନରେ ଖୋଜନ୍ତି ? ଆଉ ଇକ୍ୟୁପମେଣ୍ଟ କଥା । ବିଗତ ପାଞ୍ଚ ବର୍ଷରେ ଏସଏଲଆର କ୍ୟାମେରାରେ ନିର୍ମିତ 'ଭିଲେଜ ରକଷ୍ଟାର', 'ରାଇଟିଂ ଉଇଥ ଫାଏର' ଭଳି ଭାରତୀୟ ଚଳଚ୍ଚିତ୍ର ଯଦି ଓସ୍କାର-ନୋମିନେସନସ୍ତରକୁ ଯାଇପାରିଲା ପ୍ରତିଭାଧାରୀଙ୍କ ପାଇଁ ଅସୁବିଧା ରହିଲା କେଉଁଠି ?

ପରିବର୍ତ୍ତନ ଦ୍ୱାରଦେଶରେ ଓଡ଼ିଆ ଚଳଚ୍ଚିତ୍ର ଉପନୀତ ଥିବା ସ୍ଥଳେ ଚଳଚ୍ଚିତ୍ର ନିର୍ମାଣଗତ ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ସମୀଚୀନ । ତେବେ ଏଠାରେ ଏକ ମୌଳିକ ସମସ୍ୟାକୁ ବିଚାରକୁ ନିଆଯାଉ । ଚଳଚ୍ଚିତ୍ର ନିର୍ମାଣରେ ଉତ୍କର୍ଷ ଚଳଚ୍ଚିତ୍ର ପଟ୍ଟକଥା 'ସ୍କ୍ରିନ-ପ୍ଲେ' ଉପରେ ସର୍ବାଧିକ ନିର୍ଭରଶୀଳ । ପ୍ରଖ୍ୟାତ ହଲିଉଡ଼ ଚଳଚ୍ଚିତ୍ର ନିର୍ମାଣ-ନିର୍ଦ୍ଦେଶକ ହିଚକକ କହୁଥିଲେ ଚଳଚ୍ଚିତ୍ର ନିର୍ମାଣ ମାନେ "ପଟ୍ଟକଥା, ପଟ୍ଟକଥା ଏବଂ ପଟ୍ଟକଥା ।" ଦୃଶ୍ୟଶ୍ରାବ୍ୟ ଉପାଦାନ 'ସ୍କ୍ରିନ ପ୍ଲେ' ବା ଚଳଚ୍ଚିତ୍ର ନିର୍ମାଣ ଉପଯୋଗୀ ସୃଜନ ଚିଠା 'ପଟ୍ଟ କଥା' ଓଡ଼ିଆ ଚଳଚ୍ଚିତ୍ର ଓ ସାହିତ୍ୟରେ ଏକ ଅବହେଳିତ ଦିଗ । ଶବ୍ଦକୋଷ ବର୍ଣ୍ଣନାରେ 'ପଟ' ଥିଏଟର ସିନ ବା ପର୍ଦ୍ଦା, ଦୃଶ୍ୟପଟ, ଛବି ବା ଦୃଶ୍ୟପଟ୍ଟକୁ ବୁଝାଏ । ଏଣୁ ଇଂଲିଶ ଶବ୍ଦ 'ସ୍କ୍ରିନ ପ୍ଲେ'ର ଓଡ଼ିଆ ଅନୁବାଦ 'ପଟ୍ଟକଥା' ଯୁକ୍ତିଯୁକ୍ତ ।

ଓଡ଼ିଆ ସାହିତ୍ୟରେ ବିଭିନ୍ନ ବିଭବ ସଂବଳିତ ମୁଦ୍ରିତ ପୁସ୍ତକ ପ୍ରକାଶିତ ହୋଇ ଆସୁଥିବା ସ୍ଥଳେ ପଟ୍ଟକଥାର ସଂଖ୍ୟା ଆଙ୍ଗୁଠି ଗଣତିରେ ସୀମିତ । ସମକାଳୀନ ସାହିତ୍ୟରେ ମୁଖ୍ୟତଃ କ୍ଷୁଦ୍ରଗଳ୍ପ, ଆତ୍ମଜୀବନୀ, ଉପନ୍ୟାସ, ଭ୍ରମଣ ଓ ସମାଲୋଚନା ସାହିତ୍ୟ ପାଞ୍ଚଗୋଟି ବିଭାଗରେ ମୁଦ୍ରିତ ପୁସ୍ତକ ସଂଖ୍ୟା ଅଧିକ । କବିତା ସଂକଳନ ପ୍ରକାଶନ ପୂର୍ବବର୍ଷଗୁଡ଼ିକ ତୁଳନାରେ କମି ଆସିଛି । ଗବେଷଣା ଓ ଅଧାପନା ଉପଯୋଗୀ ସମାଲୋଚନା ସାହିତ୍ୟଭିତ୍ତିକ ପୁସ୍ତକ ପ୍ରକାଶନ ମଧ ଦୃଷ୍ଟି ଆକର୍ଷଣ କରିଥାଏ । ଅତୀତରେ ନାଟ୍ୟ ସାହିତ୍ୟ ଉଲ୍ଲେଖନୀୟ ସ୍ଥିତିରେ ଥିବା ସ୍ଥଳେ ପ୍ରାୟ ଚାରି ଦଶନ୍ଧି ଧରି ଅବହେଳିତ । ମୋଟ ଉପରେ ପଟ୍ଟକଥା ରଚନା ଓଡ଼ିଆ ସାହିତ୍ୟ ପ୍ରକାଶନର ଏକ ଅଂଶ ଭାବେ ଖୋଜି ପାଇ ହୁଏନା ।

ଓଡ଼ିଆ ଭାଷାରେ ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ସୀମିତ ରହି ଆସିଥିବା ଏବଂ ଉନ୍ମେଷକାଳରୁ ଲେଖକମାନଙ୍କୁ ଚଳଚ୍ଚିତ୍ର ନିର୍ମାଣ ପ୍ରକ୍ରିୟାରେ ସାମିଲ କରାଯାଉନଥିବା ହେତୁ ମୌଳିକ ପଟ୍ଟକଥା ପ୍ରାୟ ସମ୍ଭବ ହୋଇପାରି ନାହିଁ । ସ୍ୱାଧୀନୋତ୍ତର ଅବସ୍ଥାରେ ଗତ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦୁଇ ଦଶକରେ କେତେକ ଲୋକପ୍ରିୟ ଓଡ଼ିଆ ଉପନ୍ୟାସକୁ ଆଧାର କରି ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ଏହି କ୍ଷେତ୍ରରେ ପ୍ରକାଶିତ ଉପନ୍ୟାସକୁ ଆଧାରକରି ପଟ୍ଟଚିତ୍ର ପ୍ରସ୍ତୁତ କରାଯାଉଥିଲା । ମୌଳିକ ରଚନା ସମ୍ଭବ ହୋଇପାରି ନଥିଲା ।

ପରବର୍ତ୍ତୀ ତିନି ଦଶକ ବିଂଶ ଶତାବ୍ଦୀର ଅଷ୍ଟମ, ନବମ ଓ ଶେଷ-ଦଶକରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣରେ ସଂଖ୍ୟା ବୃଦ୍ଧି ପାଇଥିଲେ ହେଁ ସୃଜନକୁ ଅଣଦେଖା କରି ବୈଷୟିକ କୌଶଳକୁ ଭିତ୍ତିକରି ଚଳଚ୍ଚିତ୍ର ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଇଥିଲା । ଫଳତଃ ପ୍ରତିବେଶୀ ଭାଷାର ସଫଳ ଚଳଚ୍ଚିତ୍ରଗୁଡ଼ିକର ଅନୁକରଣ ଧାରା ଗୁରୁତ୍ୱ ଲାଭ କରିଥିଲା । ମହାମାରୀ-ପର ପରିବେଶରେ ଅନୁକରଣ ଧାରାକୁ ବିରୋଧ ସ୍ୱାଗତଯୋଗ୍ୟ । ତେବେ ଏହି ବିରୋଧ ୩୦-୩୫ ବର୍ଷ ତଳୁ ପ୍ରତିଧ୍ୱନିତ ହେବା ଆବଶ୍ୟକ ଥିଲା ।

ଚଳଚ୍ଚିତ୍ର ପଟ୍ଟକଥା ରଚନାରେ ସୃଜନ ସାଙ୍ଗକୁ ଚଳଚ୍ଚିତ୍ର ନିର୍ମାଣ କଳା-କୌଶଳ ସଂପର୍କରେ ଜ୍ଞାନ ଆବଶ୍ୟକ । ଚଳଚ୍ଚିତ୍ରର ବ୍ୟାକରଣ ସ୍ୱତନ୍ତ୍ର । ଦୃଶ୍ୟ ମାଧ୍ୟମରେ ସୃଜନ ନିମନ୍ତେ ଅତ୍ୟାଧୁନିକ କାରିଗରୀ କୌଶଳ ଉପଯୋଗ ଲାଗି ଧ୍ୟାନ ଦେବାକୁ ପଡିଥାଏ । ତେଣୁ ପଟ୍ଟକଥା ଲେଖକମାନେ ସାହିତ୍ୟ ଓ ଚଳଚ୍ଚିତ୍ର ଉଭୟ କ୍ଷେତ୍ରରେ ଦକ୍ଷତା ହାସଲ ଅନିର୍ବାର୍ଯ୍ୟ ।

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

## ଆଜିର ଚିନ୍ତନ

ଜଣେ ବ୍ରାହ୍ମଣ ଦାନର ଯାଚନା କରିବା ପାଇଁ ଧର୍ମରାଜ ଯୁଧିଷ୍ଠିରଙ୍କ ପାଖରେ ପହଞ୍ଚିଲେ । ରାଜ୍ୟର କାର୍ଯ୍ୟଗୁଡ଼ିକରେ ବ୍ୟସ୍ତ ଯୁଧିଷ୍ଠିର ତାଙ୍କୁ ପରବର୍ତ୍ତୀ ଦିନ ଆସିବା ପାଇଁ କହିଲେ । ସେଠାରେ ଉପସ୍ଥିତ ଭୀମସେନଙ୍କୁ ଏକଥା ଉଚିତ ଲାଗିଲା ନାହିଁ । ଧର୍ମରାଜଙ୍କ କାର୍ଯ୍ୟଗୁଡ଼ିକରେ ବିଘ୍ନ ସୃଷ୍ଟି ନ କରି ସେ ଶାନ୍ତିପୂର୍ଣ୍ଣ ଢଙ୍ଗରେ ବାହାରକୁ ଆସିଲେ ଓ ତତ୍କାଳ ସେବକମାନଙ୍କୁ ଡକାଇ ସମସ୍ତଙ୍କୁ ମଙ୍ଗଳ ବାଦ୍ୟ ବଜାଇବାର ଆଦେଶ ଦେଲେ ଏବଂ ନିଜେ ମଧ ଦୁନ୍ଦୁଭି ବଜାଇବାରେ ଲାଗିଲେ । ଅସମୟରେ ମଙ୍ଗଳ ବାଦ୍ୟର ଧ୍ୱନିରେ ରାଜମହଲ ଗୁଞ୍ଜରିତ ହେଲା, ତାହା ଶୁଣି ସ୍ୱୟଂ ଯୁଧିଷ୍ଠିର ମଧ ହତପ୍ରଭ ଥିଲେ । ସେ ତୁରନ୍ତ କାର୍ଯ୍ୟକୁ ବିରାମ ଦେଇ ବାହାରକୁ ଧାଇଁ ଆସିଲେ । ଭ୍ରାତା ଭୀମ ଓ ସେବକମାନଙ୍କୁ ରୋକିଦେଇ ଏହି ଯୋଜନର ସୂତ୍ରଧାର ଭୀମଙ୍କୁ ସେ ଏହି ପ୍ରଦର୍ଶନର କାରଣ ପଚାରିଲେ ।

ଭୀମସେନ ଆକ୍ଷେପ କରି କହିଲେ 'ମହାରାଜ ! ଆପଣ କାଳକୁ ଜିତି ନେଇଛନ୍ତି, ଏହି ଖୁସିରେ ଆମେ ଏହି ଉତ୍ସବ ପାଳୁଛୁ । ନିଜ କଥା ଆଗକୁ ବଢ଼ାଇ ଭୀମ କହିଲେ– 'ଦକ୍ଷିଣାର ଯାଚନା ପାଇଁ ଆସିଥିବା ବ୍ରାହ୍ମଣଙ୍କୁ ପରବର୍ତ୍ତୀ ଦିନ ଡକାଇବାର ତାତ୍ପର୍ଯ୍ୟ ହେଉଛି ଆଗାମୀ ସମୟ ଆପଣଙ୍କ ବଶରେ ଅଛି । ଯୁଧିଷ୍ଠିର ଭ୍ରାତା ଭୀମଙ୍କ ଅଭିପ୍ରାୟ ବୁଝିଲେ ଏବଂ ତାଙ୍କୁ ନିଜ ଭୁଲର ଅନୁଭବ ହେଲା । ପ୍ରତୀକ୍ଷାରତ ବ୍ରାହ୍ମଣଙ୍କୁ ପୁନଃ ସାଦର ଆମନ୍ତ୍ରିତ କରି ଯୁଧିଷ୍ଠିର ତାଙ୍କୁ କ୍ଷମା ମାଗିଲେ ଓ ତାଙ୍କର ଯଥାଯୋଗ୍ୟ ସତ୍କାର କରି ବିଦା କଲେ । ବ୍ରାହ୍ମଣ ଚାଲିଯିବା ପରେ ସେ ଭ୍ରାତା ଭୀମଙ୍କୁ ନିଜ ପାଖକୁ ଡାକିଲେ ଓ କହିଲେ ସତରେ ଭୀମ ! ଉତ୍ତମ କାର୍ଯ୍ୟରେ ବିଳମ୍ବ କରିବା ଉଚିତ ନୁହେଁ ।

# ପ୍ରାତଃ ଜାଗରଣର ଉପାଦେୟତା

ପିଲାଦିନୁ ଶୁଣି ଆସିଛୁ ଯେ 'ଆର୍ଲି ଟୁ ବେଡ ଆଣ୍ଡ ଅର୍ଲି ଟୁ ରାଇଜ, ମେକ୍ସ ଏ ମ୍ୟାନ ହେଲ୍ଦି, ୱେଲ୍ଦି ଆଣ୍ଡ ୱାଇଜ' ଅର୍ଥାତ୍ ରାତିରେ ଶୀଘ୍ର ଶୋଇବା ଏବଂ ସକାଳୁ ଶୀଘ୍ର ଉଠିବା, ଜଣେ ବ୍ୟକ୍ତିକୁ ସ୍ୱସ୍ଥ, ସମୃଦ୍ଧ ଓ ଜ୍ଞାନବାନ୍ କରିଥାଏ, କିନ୍ତୁ ଆଜିର ଜୀବନଶୈଳୀରେ ଏହି ସତ୍ୟ ଲୁପ୍ତ ହୋଇଗଲା । ପ୍ରଥମେ ଟି.ଭି. କାରଣରୁ ଲୋକେ ବିଳମ୍ବରେ ଶୋଉଥିଲେ, କିନ୍ତୁ ଆଜି ମୋବାଇଲ ଆମର ଜୀବନରେ ଏତେ ଗଭୀରତା ପର୍ଯ୍ୟନ୍ତ ପ୍ରବେଶ କରିଯାଇଛି ଯେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବ୍ୟକ୍ତି ସେଥିରେ ଫସି ରହୁଛି ଆଉ ଯେତେବେଳେ ବ୍ୟକ୍ତି ବିଳମ୍ବିତ ରାତିରେ ଶୋଉଛି ତ ସ୍ୱାଭାବିକ ରୂପେ ସକାଳୁ ସୂର୍ଯ୍ୟୋଦୟ ପରେ ହିଁ ଉଠୁଛି ।

ଏହି କାରଣରୁ ପ୍ରାତଃ ଜାଗରଣ ଏକ ବଡ଼ ଜନସଂଖ୍ୟାର ଦିନଚର୍ଯ୍ୟାରୁ ଗାଏବ ହୋଇ ଯାଇଛି । ଯଦ୍ୟପି ଲାଇଫ ଷ୍ଟାଇଲ ଡିଜଅର୍ଡର ଯୋଗୁଁ ଲୋକେ ଏବେ ଏହାର ମହତ୍ତ୍ୱକୁ ବୁଝିବାରେ ଲାଗିଲେଣି । ପ୍ରାତଃ ଜାଗରଣର ମହତ୍ତ୍ୱକୁ ଶାସ୍ତ୍ର ଗୁଡ଼ିକରେ ସ୍ଥାନେ ସ୍ଥାନେ ବ୍ରାହ୍ମମୁହୂର୍ତ୍ତ ରୂପେ ବର୍ଣ୍ଣନ କରାଯାଇଛି । ବ୍ରାହ୍ମମୁହୂର୍ତ୍ତ ଦିନର ସବୁଠାରୁ ଶ୍ରେଷ୍ଠ ସମୟ ବୋଲି କୁହାଯାଇଛି- ଯେତେବେଳେ ପ୍ରକୃତି ଶୋଇଥାଏ, ସେତେବେଳେ ବ୍ରହ୍ମତତ୍ତ୍ୱ ଚୈତନ୍ୟ ଅବସ୍ଥାରେ ଥାଏ । ଏହି ସମୟକୁ ନିଦ୍ରା ତ୍ୟାଗ କରିବାର ସର୍ବୋତ୍ତମ ସମୟ ବୋଲି ସ୍ୱୀକାର କରାଯାଇଛି । ଋଷିମାନଙ୍କ ଅନୁସାରେ ଏହି ସମୟରେ ଉଠିବା ଦ୍ୱାରା ବ୍ୟକ୍ତିର ବଳ, ବୁଦ୍ଧି, ବିଦ୍ୟା ଓ ସୌନ୍ଦର୍ଯ୍ୟରେ ବୃଦ୍ଧି ହୋଇଥାଏ ।

ସୂର୍ଯ୍ୟୋଦୟର ଦେଢ଼ ଘଣ୍ଟା ପୂର୍ବର ସମୟକୁ ବ୍ରାହ୍ମମୁହୂର୍ତ୍ତ କୁହାଯାଏ । ଏହି ସମୟରେ ଚତୁର୍ଦ୍ଦିଗରେ ଏକ ନୂତନ ସ୍ଫୁର୍ତ୍ତି ଏବଂ ସତେଜତା ରହିଥାଏ ଆଉ ସଂପୂର୍ଣ୍ଣ ବାତାବରଣ ଶାନ୍ତ, ନିରବ ଅବସ୍ଥାରେ ଥାଏ । ଏହା ସହିତ ରାତିର ନିଦ ଓ ବିଶ୍ରାମ ଦ୍ୱାରା ସତେଜ ହୋଇଥିବା ମନମସ୍ତିଷ୍କ ମଧ୍ୟ ପୂର୍ଣ୍ଣ ସକ୍ରିୟତାର ଅବସ୍ଥାରେ ରହିଥାଏ । ଦିନଚର୍ଯ୍ୟାର ଶୁଭାରମ୍ଭର ଏହି ସମୟ ସର୍ବଶ୍ରେଷ୍ଠ ହୋଇଥାଏ । ପ୍ରତ୍ୟେକ ବିବେକଶୀଳ ବ୍ୟକ୍ତି ଏହି ସମୟର ସଦୁପଯୋଗ କରିଥାନ୍ତି ଆଉ ସାଧନା ଦୃଷ୍ଟିରୁ ତ ଏହି ସମୟର ବିଶେଷ ମହତ୍ତ୍ୱ ଥାଏ, କାରଣ ଏହି ସମୟରେ ମନ ସ୍ୱାଭାବିକ ରୂପେ ଧ୍ୟାନ କରିବା ପାଇଁ ପ୍ରବୃତ୍ତ ହୋଇଥାଏ ।

ଆଶ୍ଚର୍ଯ୍ୟ ହେବାର କଥା ନୁହେଁ ଯେ ପ୍ରତ୍ୟେକ ସଫଳ ବ୍ୟକ୍ତିର ଦିନଚର୍ଯ୍ୟାରେ ପ୍ରାତଃ ଜାଗରଣର ଭୂମିକାକୁ ଦେଖାଯାଇପାରେ । ଯଦ୍ୟପି କେତେକ ଲୋକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଜାଗର ରହି ନିଜ କାର୍ଯ୍ୟକୁ ଶେଷ କରିଥାନ୍ତି ଆଉ ନିଶ୍ଚିନ୍ତ ହୋଇ ଶୋଇଥାନ୍ତି, କିନ୍ତୁ ଅଧିକାଂଶତଃ ସକାଳୁ ଶୀଘ୍ର ଉଠୁଥିବା ବ୍ୟକ୍ତି ଅଧିକ କ୍ରିୟାଶୀଳ ଏବଂ ରଚନାତ୍ମକ ହୋଇଥାନ୍ତି ଆଉ ଏହାର ଲାଭର ତାଲିକା ମଧ୍ୟ ଲମ୍ବା ହୋଇଥାଏ । ପ୍ରାତଃ ସମୟରେ ପୂରା ଜଗତ, ଏହାର ପ୍ରତ୍ୟେକ ଜୀବଜନ୍ତୁ ଆଉ ସମଗ୍ର ପ୍ରକୃତି ଶୋଇଥାଏ ଏବଂ ଏଥିପାଇଁ ବ୍ୟବଧାନ ନ୍ୟୁନତମ ହୋଇଥାଏ । ଏହି ସମୟରେ ମସ୍ତିଷ୍କ ନିଜର ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିବାର ସ୍ଥିତିରେ ଥାଏ । ଏପରି ସ୍ଥିତିରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସଂପନ୍ନ କରିବା ସହଜ ହୋଇଥାଏ ।

ସମଗ୍ର ଦୁନିଆ ଜାଗିବା ପୂର୍ବରୁ ଆପଣ କେତେକ କାମ ପୂର୍ଣ୍ଣ କରି ଦେଇଥିଲେ ନିଜ ମନରେ ସନ୍ତୋଷ ଆସିଥାଏ । ଜୀବନ ପ୍ରବନ୍ଧନ ଦୃଷ୍ଟିରୁ ତନୁ, ମନ ଓ ଅନ୍ତରାତ୍ମା ସହିତ ଜଡ଼ିତ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ପ୍ରାତଃକାଳରେ ପୂରଣ କରି ଏକ ଗୌରବପୂର୍ଣ୍ଣ ଦିନଚର୍ଯ୍ୟାର ଶୁଭାରମ୍ଭ କରାଯାଇପାରେ, ଯାହା ଆପଣଙ୍କୁ ଦିନ ତମାମ ଉର୍ଦ୍ଧ୍ୱବାନ୍ କରି ରଖିବ । ଏହି ସମୟରେ ଦିନ ଯାକର ଯୋଜନାରୁ ନେଇ ଧ୍ୟାନ, ବ୍ୟାୟାମ ଓ ମହତ୍ତ୍ୱପୂର୍ଣ୍ଣ ବୌଦ୍ଧିକ କାର୍ଯ୍ୟଗୁଡ଼ିକୁ ପୂର୍ଣ୍ଣ କରାଯାଇପାରେ ।

ପ୍ରାତଃକାଳର ତାଜା ବାୟୁରେ ଟହଲିବା ଓ ବ୍ୟାୟାମ କରିବା ମଧ୍ୟ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବହୁତ ଲାଭପ୍ରଦ ହୋଇଥାଏ । ସକାଳର କାର୍ଯ୍ୟ ଖେଳରେ ଖେଳରେ ଆନନ୍ଦପୂର୍ବକ ପୂର୍ଣ୍ଣ ହୋଇଥାଏ । ସକାଳର କାମ ଶେଷ ହେଲା ପରେ ଉତ୍ତମ ଓ ପୌଷ୍ଟିକ ଜଳଖିଆ କରିନେଲେ ତାହା ପରବର୍ତ୍ତୀ ଦିନଚର୍ଯ୍ୟାର ସବଳ ଆଧାର ହୋଇଥାଏ । ଏହି ପ୍ରକାର ପ୍ରାତଃ ଜାଗରଣ ତନୁ, ମନ ଓ ସମଗ୍ର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଲାଭକାରୀ ହୋଇଥାଏ । ଦିନଚର୍ଯ୍ୟା ବ୍ୟବସ୍ଥିତ ହେଲେ ଦିନ ଯାକର କାର୍ଯ୍ୟ ସନ୍ତୋଷଜନକ ଢଙ୍ଗରେ ପୂରା ହୋଇଥାଏ ଆଉ ଏହା ଦ୍ୱାରା ରାତିରେ ଠିକ୍ ସମୟରେ ଶୋଇବା ସମ୍ଭବ ହୋଇଥାଏ ।

ଭଲ ନିଦ୍ରା ଉତ୍ତମ ମାନସିକ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିଥାଏ । ଅସ୍ତବ୍ୟସ୍ତ ଦିନଚର୍ଯ୍ୟାକୁ କାରଣରୁ ଯେଉଁ ଆବେଶ ଉତ୍ପନ୍ନ ହୋଇଥାଏ କାର୍ଯ୍ୟର ଉତ୍ପାଦକତା ପ୍ରଭାବିତ ହୋଇଥାଏ ଏବଂ ସଙ୍କଟର ସ୍ଥିତି ଲାଗି ରହିଥାଏ । ସେଥିରୁ ଆମେ ରକ୍ଷା ପାଇପାରୁ ଓ ପରିବାର ପାଇଁ ବି ସମୟ ବାହାରି ଥାଏ । ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ ପ୍ରାତଃ ଜାଗରଣ କରୁଥିବା ବ୍ୟକ୍ତି ଅଧିକ ସକ୍ରିୟ ଏବଂ ପ୍ରୋଆକ୍ଟିଭ ହୋଇଥାନ୍ତି । ସେମାନେ ସମସ୍ୟା ଓ ଆସୁଥିବା ଆହ୍ୱାନଗୁଡ଼ିକର ଉଚିତ ଢଙ୍ଗରେ ବିଚାର କରିଥାନ୍ତି ଓ ସେଥିପାଇଁ ପ୍ରସ୍ତୁତ ରହିଥାନ୍ତି । ମୋଟାମୋଟି ରୂପେ ପ୍ରାତଃ କାଳରେ ଉଠୁଥିବା ବ୍ୟକ୍ତି ଅଧିକ ଉର୍ଦ୍ଧ୍ୱବାନ୍, ପ୍ରସନ୍ନ ହୋଇଥାନ୍ତି ଏବଂ ସୁଖ-ଶାନ୍ତିରେ ରହିଥାନ୍ତି ଓ ଜୀବନର ଯେକୌଣସି କ୍ଷେତ୍ରରେ ଅନ୍ୟ ଲୋକମାନଙ୍କ ଠାରୁ ଅଧିକ ସଫଳ ହୋଇଥାନ୍ତି ।

ପ୍ରାତଃ ଜାଗରଣ ଦ୍ୱାରା ଆଶ୍ଚର୍ଯ୍ୟଜନକ ଆଭାସ ହୋଇଥାଏ, ଆମକୁ ଦୁଇ ଦିନ ମିଳିଗଲା ପରି ମନେହୁଏ, କାରଣ ବ୍ରାହ୍ମମୁହୂର୍ତ୍ତରୁ ଅଫିସ ଯିବା ଭିତରେ ଏତେ କାମ ହୋଇଯାଏ ଯେ ମନେହୁଏ ଗୋଟିଏ ଦିନର କାମ ପୂରା ହୋଇଗଲା । ପ୍ରାତଃ ଜାଗରଣର ଏତେ ଲାଭ ଥାଇ ମଧ୍ୟ ଯଦି ଦିନଚର୍ଯ୍ୟା ବିଗିଡ଼ି ଯାଇଥାଏ, ବିଳମ୍ବିତ ରାତିରେ ଶୋଇବାର ଅଭ୍ୟାସ ହୋଇଯାଇଥାଏ ତ ପୁଣି ପ୍ରାତଃ ଜାଗରଣ କଠିନ ହୋଇଯାଏ । ଏଥିପାଇଁ ସଂକଳ୍ପ ପୂର୍ବକ ଏବଂ ଅଧ୍ୟବସାୟର ସହିତ କିଛି ସମୟ ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥାଏ । ପ୍ରାତଃ ସମୟରେ ଶୀଘ୍ର ଉଠିବା ପାଇଁ ସର୍ବମାନ୍ୟ ନିୟମ ହେଉଛି ରାତିରେ ଯଥାଶୀଘ୍ର ଶୋଇବା ଉଚିତ ।

ଯଦି ପ୍ରାତଃ ଚାରି-ପାଞ୍ଚଟା ସମୟରେ ଉଠିବାର ଅଛି ତ ରାତି ନଅଟା ଦଶଟା ସମୟରେ ଶୋଇଯିବା ଉଚିତ । ଏଥିପାଇଁ ହଠାତ୍ କୌଣସି ବଡ଼ ପରିବର୍ତ୍ତନ କରନ୍ତୁ ନାହିଁ । କୌଣସି କ୍ରାନ୍ତିକାରୀ ପ୍ରୟୋଗ କରିବା ପରିବର୍ତ୍ତେ ସୁନିଯୋଜିତ ଢଙ୍ଗରେ ଛୋଟ ଛୋଟ ପଦକ୍ଷେପ ନେଇ ଆଗକୁ ବଢ଼ନ୍ତୁ । ଯଦି ଉଠିବାର ଅଭ୍ୟାସ ସକାଳ ଆଠଟାରେ ଅଛି ତ ଧୀରେ ଧୀରେ କମ୍ କରନ୍ତୁ । ପ୍ରଥମ ସପ୍ତାହରେ ସାତଟାରେ ଉଠନ୍ତୁ, ଆଗାମୀ ସପ୍ତାହରେ ଛଅଟାରେ ଆଉ ପୁଣି ପାଞ୍ଚଟାରେ, ଆରମ୍ଭରେ ଶରୀର ସହଯୋଗ କରିବ ନାହିଁ, ଉଠନ୍ତୁ, ବାସ୍ । ବିଦ୍ରୋହ କରିବାକୁ ତତ୍ପର ହୋଇଯିବ, କିନ୍ତୁ ଯଦି ଆମେ ଦୃଢ଼ତାପୂର୍ବକ ନିଜର ସଂକଳ୍ପ ଉପରେ ଆରୂଢ଼ ରହିବା । ଏହା ସମୟ ସହିତ ନୂତନ ଦିନଚର୍ଯ୍ୟାରେ ଅଭ୍ୟସ୍ତ ହୋଇଯିବ । ଏଥିପାଇଁ ରାତିରେ ଶୋଇବା ପୂର୍ବରୁ ଏହାର ପ୍ରସ୍ତୁତି କରନ୍ତୁ ।

ରାତ୍ରି ଭୋଜନ ହାଲୁକା ଓ ସାତ୍ତ୍ୱିକ ରଖନ୍ତୁ । ଏକ- ଦୁଇ ଘଣ୍ଟା ପୂର୍ବରୁ ସୋସିଆଲ ମିଡିଆରୁ ଦୂରେଇ ରହନ୍ତୁ ଅଥବା ଟି.ଭି. ଓ ମୋବାଇଲ କାର୍ଯ୍ୟ ସାରି ଦିଅନ୍ତୁ । ଅଳ୍ପ ସ୍ୱାଧ୍ୟାୟ ସହିତ ଆତ୍ମଚିନ୍ତନ ଓ ତତ୍ତ୍ୱବୋଧ ସାଧନା କରି ନିର୍ଦ୍ଧାରିତ ସମୟରେ ଶୋଇଯାଆନ୍ତୁ । ଏହା ସହିତ ଆଲାର୍ମ ଘଡ଼ି ଓ ମୋବାଇଲକୁ ଶେଯ ଠାରୁ ଦୂରରେ ରଖନ୍ତୁ । ସକାଳେ ନିଦ ଭାଙ୍ଗିବା ମାତ୍ରେ ଶେଯରୁ ଉଠି ଯାଆନ୍ତୁ । ସ୍ୱୟଂକୁ ଏଥିପାଇଁ ପ୍ରେରିତ କରନ୍ତୁ, ଯେଉଁଥିରେ ଉଠିବା କ୍ଷଣି କରିବା ଯୋଗ୍ୟ ନିଜର ରୁଚି ମୁତାବକ ଅଥବା ଅନ୍ୟ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ଦ୍ଧାରଣ କରି ପାରିବେ । ଏହି ପ୍ରକାର ପ୍ରାତଃ ଜାଗରଣର ଲାଭ ହିଁ ଲାଭ ରହିଛି, ହାନି କିଛି ନାହିଁ । ଯଦି ଆପଣ ଏପର୍ଯ୍ୟନ୍ତ ପ୍ରାତଃ ଜାଗରଣକୁ ଜୀବନର ଅଙ୍ଗ କରିପାରି ନାହାନ୍ତି, ତେବେ ଆଜି ହିଁ ଏହାର ଲାଭଗୁଡ଼ିକୁ ହୃଦୟଙ୍ଗମ ପୂର୍ବକ ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ଜାଗରଣ କରିବା ପାଇଁ ସଂକଳ୍ପିତ ହୁଅନ୍ତୁ । ଏହାକୁ ଜୀବନର ଅଙ୍ଗ କରିବା ପାଇଁ ପୁରୁଷାର୍ଥ କରନ୍ତୁ ଆଉ ଜୀବନର ଅଭିନ୍ନ ଅଙ୍ଗ କରି ଅସ୍ତିତ୍ୱର ନବୀନ ସମ୍ଭାବନାଗୁଡ଼ିକୁ ସାକାର କରିବାର ଆନନ୍ଦ ନିଅନ୍ତୁ ।

## ଟିକିଏ ହସନ୍ତୁ

ରାତିରେ ସ୍ତ୍ରୀ : ହେଇଟି ଶୁଣୁଛ, ମୋ ଆଡ଼େ ମୁହଁ କରି ଟିକେ ଶୋଇଲ । ମତେ ଭାରି ଡର ଲାଗୁଛି ।

ସ୍ୱାମୀ : ତମେ ଖାଲି ତମ ନିଜ କଥା ଭାବ । ମୁଁ ପଛେ ରାତି ସାରା ତମକୁ ଦେଖି ଡରିକି ଶୋଇ ନ ପାରେ ।

× × × ×

ସ୍ୱାମୀ : କାଲି ରାତିରେ ମୋ ସ୍ୱପ୍ନରେ ଗୋଟେ ସୁନ୍ଦର ଝିଅ ଆସିଥିଲା ।

ସ୍ତ୍ରୀ : ସେ ନିଶ୍ଚିତ ଭାବେ ଏକୁଟିଆ ଆସିଥିବ ।

ସ୍ୱାମୀ : ହଁ, ହେଲେ ତମେ କେମିତି ଜାଣିଲ ?

ସ୍ତ୍ରୀ : କାହିଁକି ନା ତା' ସ୍ୱାମୀ ମୋ ସ୍ୱପ୍ନରେ ଆସିଥିଲେ ।

× × ×

ବସଷ୍ଟାଣ୍ଡରେ ଠିଆ ହୋଇଥିବା ଜଣେ ସୁନ୍ଦରୀ ଯୁବତୀକୁ ଦେଖି ଜଣେ ଯୁବକ- ଚାନ୍ଦା ତ ରାତିରେ ବାହାରେ ଆଜି ଦିନରେ କେମିତି ବାହାରିଛି ?



ଯୁବତୀ : ପେଚା ତ ରାତିରେ ବୋବାଏ, ଆଜି ଦିନରେ କେମିତି ବୋବାଉଛି କେଜାଣି ।

× × × ×

ଗର୍ଲଫ୍ରେଣ୍ଡ : ମୁଁ ବର୍ଗର ଖାଇବି ।

ବଏଫ୍ରେଣ୍ଡ ବର୍ଗର ଆଣି ଦେଲା ।

ଗର୍ଲଫ୍ରେଣ୍ଡ : ଥ୍ୟାଙ୍କ୍ସ ।

ବଏଫ୍ରେଣ୍ଡ : ଖାଲି ଥ୍ୟାଙ୍କ୍ସରେ କାମ ଚଳିବନି ।

ଗର୍ଲଫ୍ରେଣ୍ଡ : ଆଉ କ'ଣ କିସ୍ ଦେବି ।

ବଏଫ୍ରେଣ୍ଡ : ଫାଲତୁ କଥା କହନି । ମତେ ବର୍ଗରରୁ ଅଧା ଖାଇବାକୁ ଦେ ।

× × × ×

ଟିଚର : ଟେନ୍ସ କେତେ ପ୍ରକାର ?

ପପୁ : ତିନି ପ୍ରକାର । ପାଷ୍ଟ, ପ୍ରେଜେଣ୍ଟ ଏବଂ ଫ୍ୟୁଚର ।

ଟିଚର : ଉଦାହରଣ ଦେଇ କହିଲୁ ।

ପପୁ : କାଲି ଆପଣଙ୍କ ଝିଅକୁ ଦେଖିଥିଲି । ଆଜି ଭଲ ପାଉଛି । କାଲି ଘରୁ ନେଇଯିବି ।

× × × × × ×

ଝିଅ : ମତେ ଗୋଟିଏ ଏସଏମଏସ ୧୦ ଜଣ ଲୋକଙ୍କୁ ପଠାଇବାର ଅଛି । କେମିତି ପଠାଇବି ?

କଷ୍ଟମର କେୟାର : ଏସଏମଏସ୍ କ'ଣ ?

ଝିଅ : ଜାନୁ ମୋର ବାଲାନ୍ସ ସରି ଯାଇଛି ।

ଜଲଦି ୧୦୦ ଟଙ୍କା ରିଚାର୍ଜ କରିଦିଅ ।

× × × × × ×

ଚିଣ୍ଟୁ : ମୁଁ ପରୀକ୍ଷାରେ ଫେଲ୍ ହେବାକୁ ଚାହୁଁଛି ।

ପିଣ୍ଟୁ : କ'ଣ ପାଇଁ ?

ଚିଣ୍ଟୁ : ବାପା କହିଥିଲେ, ଫାଷ୍ଟ ଆସିଲେ ସାଇନ୍ସ, ସେକେଣ୍ଡ ଆସିଲେ ଆର୍ଟସ୍ । ଆଉ ଫେଲ୍ ହେଲେ ବାହାଘର କରିଦେବେ ।

## କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମରେ ଭରପୂର ପଣସ

ପଣସ ଆମିଷ ପରି ହୋଇଥିବାରୁ ଆମିଷାଶୀମାନେ ଏହାକୁ ବିକଳ୍ପ ଭାବେ ବାଛିଛନ୍ତି । ଖାଦ୍ୟ ସୁସ୍ୱାଦୁ ହେବା ସହ ଅନେକ ରୋଗରୁ ମଧ୍ୟ ପଣସ ରକ୍ଷା କରିଥାଏ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ଭିଟାମିନ୍ କେ' ପ୍ରଚୁରମାତ୍ରାରେ ରହିଛି । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଶରୀରରେ ରକ୍ତ କମ୍ ଥିଲେ ପଣସ ଖାଇଲେ ସବୁଠୁ ଭଲ । ଏଥିରେ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଅଧିକ ପରିମାଣରେ ରହିଛି । ଏହାଦ୍ୱାରା ହାଡ଼ ମଜଭୁତ ହୋଇଥାଏ । କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପଣସ ଲାଭଦାୟକ । କାରଣ ଏହା ଫ୍ଲୁ ଦୂର କରିଥାଏ ।



ଶ୍ରୀକ୍ଷେତ୍ର

ବର୍ଷ ୨୬, ସଂଖ୍ୟା- ୨୩, ୦୫ - ୧୧ ଜୁନ୍ ୨୦୨୨

# ବେରୋଜଗାର ବଢୁଛି

ଦେଶରେ ବେକାରୀ ସଂଖ୍ୟା ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ୬୦ ଲକ୍ଷରୁ ଅଧିକ ଅନୁମୋଦିତ ସରକାରୀ ଚାକିରି ଖାଲିପଡ଼ିଛି । ସେଥିମଧ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟସ୍ତରରେ ବିଭିନ୍ନ କ୍ଷେତ୍ରରେ ଏହି ପଦବୀଗୁଡିକ ଖାଲିପଡ଼ିଥିବା ସରକାରୀ ରିପୋର୍ଟରୁ ଜାଣିବାକୁ ମିଳିଛି । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରେ କୌଣସି ନୂଆ ଚାକିରୀ ସୃଷ୍ଟି ହୋଇନାହିଁ, ବରଂ ସରକାରୀ ଅନୁମୋଦିତ ଲକ୍ଷ ଲକ୍ଷ ସଂଖ୍ୟାରେ ପଦବୀ ଖାଲି ପଡ଼ିଥିବାବେଳେ ସେଥିରେ ନିଯୁକ୍ତି ଦିଆଯାଉ ନାହିଁ । ରିପୋର୍ଟରୁ ଜଣାଯାଇଛି ଯେ କେନ୍ଦ୍ର ସରକାରୀ ସ୍ତରରେ ପ୍ରାୟ ୩୦ ଲକ୍ଷ ଏବଂ ବିଭିନ୍ନ ରାଜ୍ୟ ସରକାରୀ ସ୍ତରରେ ଆଉ ପ୍ରାୟ ୩୦ ଲକ୍ଷ ଅନୁମୋଦିତ ସରକାରୀ ପଦବୀ ଖାଲିପଡ଼ିଛି । ଏହି ପଦବୀଗୁଡିକ ପୂରଣ କରାଗଲେ ଦେଶରେ ବେକାରୀ ସମସ୍ୟା ଅନେକାଂଶରେ ହ୍ରାସ ପାଇବା ସହିତ ତାହା ସାମାଜିକ-ଅର୍ଥନୈତିକ ବିକାଶରେ ସହାୟକ ହୋଇପାରନ୍ତା ।

ଅନୁଧ୍ୟାନ ରିପୋର୍ଟରୁ ଜଣାଯାଇଛି ଯେ କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଗୁଡିକରେ ପ୍ରାୟ ୯.୧୦ ଲକ୍ଷ ପଦବୀ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମୂହ, ଆଇଆଇଟି ଆଇଆଇଆଇଟି, ଆଇଆଇଏମ୍ ଏବଂ ଏନଆଇଟି ତଥା ଅନ୍ୟ ସରକାରୀ ପରିଚାଳିତ ଉଚ୍ଚ ଶିକ୍ଷାପ୍ରତିଷ୍ଠାନ, କେନ୍ଦ୍ରୀୟ ବିଦ୍ୟାଳୟ ଜବାହାର ନବୋଦୟ ବିଦ୍ୟାଳୟରେ ପ୍ରାୟ ୩୭ ହଜାର, ରାଜ୍ୟଗୁଡିକର ପ୍ରାଥମିକ ବିଦ୍ୟାଳୟରେ ୮.୫୩ ଲକ୍ଷ ପଦବୀ ଖାଲିପଡ଼ିଛି, ଯେଉଁଥିପାଇଁ ମୁଖ୍ୟତଃ କେନ୍ଦ୍ର ସରକାର ପାଣ୍ଠି ଯୋଗାଇ ଦେଇଥାନ୍ତି । ତାହା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧.୬୮ ଲକ୍ଷ, ଅଙ୍ଗନବାଡି କେନ୍ଦ୍ରରେ ୧.୭୬ ଲକ୍ଷ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହରେ ୨ ଲକ୍ଷ, ଭାରତୀୟ ସେନାରେ ୧.୦୭ ଲକ୍ଷ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ୍)ରେ ପ୍ରାୟ ୯୨ହଜାର, ରାଜ୍ୟ ପୋଲିସ ବିଭାଗ ଓ ବିଚାର ବିଭାଗଗୁଡିକରେ ସମଗ୍ର ଦେଶରେ ୫.୩୧ ଲକ୍ଷ ପଦବୀ ଖାଲିପଡ଼ିଛି । ସେଥିମଧ୍ୟରେ ସୁପ୍ରିମକୋର୍ଟ, ହାଇକୋର୍ଟ ଏବଂ ନିମ୍ନ ଅଦାଲତଗୁଡିକରେ ଖାଲିଥିବା ପ୍ରାୟ ୫ହଜାର ପଦବୀ ଅନ୍ତର୍ଭୁକ୍ତ । ସର୍ବଭାରତୀୟ ରାଜ୍ୟ ସରକାରୀ କର୍ମଚାରୀ ଫେଡେରେସନ ଅନୁଯାୟୀ ବିଭିନ୍ନ ରାଜ୍ୟ ସରକାରୀ ବିଭାଗ ଓ ମନ୍ତ୍ରଣାଳୟ ଗୁଡିକରେ ଖାଲି ପଡ଼ିଥିବା ପଦବୀକୁ ଯଦି ମୋଟ ଉପରେ ହିସାବକୁ ନିଆଯାଏ ତେବେ ସେହି ସଂଖ୍ୟା ପ୍ରାୟ ୩୦ ଲକ୍ଷରୁ ଅଧିକ ହେବ । ଏହି ତଥ୍ୟ ଲୋକସଭା, ରାଜ୍ୟସଭାରେ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ଏବଂ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ଏବଂ ଅନ୍ୟାନ୍ୟ ସୂତ୍ରରୁ ସଂଗ୍ରହ କରାଯାଇଛି । ପ୍ରତିବର୍ଷ ଦେଶରେ ସରକାରୀ ଅନୁମୋଦିତ ଖାଲିପଡୁଥିବା ପଦବୀ ସଂଖ୍ୟା ବୃଦ୍ଧିପାଉଥିବାବେଳେ ବେକାରୀ ସମସ୍ୟା ଦୂରୀକରଣ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଆନ୍ତରିକତା କେତେ ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି । ଅନ୍ୟପକ୍ଷରେ କେନ୍ଦ୍ର ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକୁ ବିକ୍ରୀ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ସରକାରୀ ସ୍ତରରେ ସ୍ଥାୟୀ ନିଯୁକ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । କରୋନା ଅତିମାରୀ ପ୍ରତିପାଦିତ କରିଦେଇଛି ଯେ କୌଣସି ସଙ୍କଟକୁ କେବଳ ସରକାରୀ କଳ ଦୃଢ ଭାବରେ ମୁକାବିଲା କରିପାରିବ । ପରିମଳ, ସ୍ୱାସ୍ଥ୍ୟସେବା, ପୋଲିସ, ବ୍ୟାଙ୍କ ଆଦି ଅତ୍ୟାବଶ୍ୟକ ସେବା ଯୋଗାଣକାରୀ ସଂସ୍ଥା ଜନସାଧାରଣଙ୍କ ପାଇଁ ଏହି ଅପ୍ରତ୍ୟାଶିତ ସମୟରେ ଉପଲବ୍ଧ ହୋଇଥିଲେ, କାରଣ ସେମାନେ ସମସ୍ତେ ସରକାରୀ ଚାକିରିଆ । କିନ୍ତୁ କୌଣସି କ୍ଷେତ୍ରରେ ବେସରକାରୀ କ୍ଷେତ୍ରକୁ ସେଭଳି ଦକ୍ଷତାର ସହିତ ଦେଖିବାକୁ ମିଳିନଥିଲା । ସେମାନେ କେବଳ ନିଜ ସଂସ୍ଥା କାର୍ଯ୍ୟରେ ସୁବିଧାଜନକ ସ୍ଥାନରେ ଥାଇ ନିୟୋଜିତ ରହିଥିଲେ । ଏହିସବୁ ବିଭାଗ ସହିତ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଏତେ ସଂଖ୍ୟାରେ ପଦବୀ ଖାଲିପଡ଼ିବା ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଣରେ ସମର୍ଥ ହୋଇପାରୁ ନଥିବା ଅନେକ ମହଲରେ ଅଭିଯୋଗ ହେଉଛି । ତାହାସହିତ ଦେଶରେ ବିଚାରାଧୀନ ମକଦ୍ଦମା ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ବିଚାର ବିଭାଗରେ ହଜାର ହଜାର ସଂଖ୍ୟାରେ ପଦବୀ ଅନୁମୋଦିତ ପଦବୀ ଖାଲିପଡ଼ିବା ଅନେକଙ୍କୁ ଚକିତ କରିଛି । ଅନେକ ଅର୍ଥନୀତିଜ୍ଞଙ୍କ ମତରେ ଏହିସବୁ ପଦବୀ ଜରୁରୀ ଭିତ୍ତିରେ ପୂରଣ କରାଯିବା ଆବଶ୍ୟକ ହୋଇପଡ଼ିଛି । ଏତିକି ସଂଖ୍ୟାରେ ଲୋକ ନିଯୁକ୍ତି ପାଇଲେ ଏବଂ ସେମାନଙ୍କ ହାତକୁ ଟଙ୍କା ଆସିଲେ, ତାହାଦ୍ୱାରା ଅର୍ଥନୀତି ସଶକ୍ତ ହୋଇପାରିବ ।

# ଇଉନେସ୍କୋ

## ମହାତ୍ମା ଗାନ୍ଧୀ



ମିଳିତ ଜାତିସଂଘର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ସଂଗଠନଟି ଶିକ୍ଷା ଓ ସଂସ୍କୃତିର ନାନାବିଧ କାର୍ଯ୍ୟ ମାଧ୍ୟମରେ ଶାନ୍ତିର ସ୍ଥାପନା ନିମନ୍ତେ ଯେଉଁସବୁ ଉଦ୍ୟମ କରୁଛି, ସେଥିରେ ମୁଁ ନିଜର ଗଭୀର ଆଗ୍ରହ ପ୍ରକାଶ କରୁଛି, ମୁଁ ସଂପୂର୍ଣ୍ଣଭାବରେ ହୃଦୟଙ୍ଗମ କରୁଛି ଯେ, ବର୍ତ୍ତମାନ ପୃଥିବୀର ଜାତିମାନଙ୍କ ମଧ୍ୟରେ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଉତ୍କଟ ଅସମାନତାମାନ ରହିଥିବା ଯାଏ ଯଥାର୍ଥ ନିରାପତ୍ତା ଏବଂ ସ୍ଥାୟୀ ଶାନ୍ତି କଦାପି ସ୍ଥାପିତ ହୋଇ ପାରିବ ନାହିଁ । ଅପେକ୍ଷାକୃତ ଅଧିକ ଅନ୍ଧାର ଭିତରେ ରହିଥିବା କମ୍ ସୌଭାଗ୍ୟସମ୍ପନ୍ନ ଦେଶଗୁଡ଼ିକର ସେହି ଦୂରତମ ଗୃହଗୁଡ଼ିକୁ ମଧ୍ୟ ଅଭିଳଷିତ ଆଲୋକଟିକୁ ବହନ କରି ନେଇ ଯିବାକୁ ହେବ, ଏବଂ ମୁଁ ଭାବୁଛି ଯେ, ଯେଉଁସବୁ ଦେଶ ଅର୍ଥନୀତି ଓ ଶିକ୍ଷା କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ଅଗ୍ରଗତି କରି ପାରୁଛନ୍ତି, ସେମାନଙ୍କର ଏହି ଲକ୍ଷ୍ୟଟି ସାଧନରେ ଏକ ବିଶେଷ ଦାୟିତ୍ୱ ରହିଛି ।

ଜାତୀୟତା ମୁଁ ମୋ' ଦେଶଲାଗି ସ୍ୱାଧୀନତା ଇଚ୍ଛା କରୁଛି, ଯେପରିକି ମୋ'ର ଏହି ସ୍ୱାଧୀନ ଦେଶରୁ ଅନ୍ୟ ଦେଶମାନେ ମଧ୍ୟ କିଛି ଶିକ୍ଷା କରିପାରିବେ, ଯେପରିକି ମୋ'ଦେଶର ସମ୍ବଳମାନ ମନୁଷ୍ୟସମାଜର ଉପକାର ନିମନ୍ତେ ବ୍ୟବହୃତ ହୋଇ ପାରିବ । ବ୍ୟକ୍ତି ପରିବାର ପାଇଁ ଜୀବନ ଦେବ, ପରିବାର ଗାଆଁ ପାଇଁ, ଗାଆଁ ଜିଲ୍ଲା ପାଇଁ, ଜିଲ୍ଲା ପ୍ରଦେଶ ପାଇଁ ଓ ପ୍ରଦେଶ ଦେଶପାଇଁ ଜୀବନ ଦେବ ବୋଲି ଜାତିପ୍ରୀତିର ଧର୍ମ ବର୍ତ୍ତମାନ ଆମକୁ ଯେପରି ଶିକ୍ଷା ଦେଉଛି, ଠିକ୍ ସେହିପରି ଗୋଟିଏ ଦେଶକୁ ସ୍ୱାଧୀନ ହେବାକୁ ପଡ଼ିବ, ଯେପରିକି, ଆବଶ୍ୟକ ହେଲେ ତାହା ପୃଥିବୀର ମଙ୍ଗଳ ଲାଗି ଆପଣାର ଜୀବନକୁ ଦେଇପାରିବ । ତେଣୁ, ଜାତୀୟତାବାଦ ପ୍ରତି ରହିଥିବା ମୋ'ର ଶ୍ରଦ୍ଧା ବା ଜାତୀୟତାବାଦ ବିଷୟରେ ମୋ'ର ଧାରଣା ହେଉଛି ଯେ, ମୋ'ର ନିଜ ଦେଶଟି ଅବଶ୍ୟ ସ୍ୱାଧୀନ ହୋଇପାରିବ ଏବଂ, ଯଦି ସେଭଳି ପ୍ରୟୋଜନ ହୁଏ, ମନୁଷ୍ୟସମାଜ ବଞ୍ଚି ରହିବାପାଇଁ ସମଗ୍ର ଦେଶକୁ ମଧ୍ୟ ମରିବାଲାଗି ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ସେହି କ୍ଷେତ୍ରରେ କୌଣସି ଜାତିକୁ ଘୃଣା କରିବାର କୌଣସି ସ୍ଥାନ ହିଁ ନାହିଁ । ତାହାହିଁ ଆମର ଜାତୀୟତା ହୋଇ ରହୁ ।

ଆମ ଜାତୀୟତା ଅନ୍ୟ କୌଣସି ଜାତିଲାଗି କଦାପି ସଙ୍କଟ ହେବନାହିଁ, କାରଣ ଆମେ କାହାରିକୁ ଶୋଷଣ କରିବୁନାହିଁ, ଯେପରି ନିଜକୁ କାହାରିଦ୍ୱାରା ଶୋଷିତ ହେବାକୁ ମଧ୍ୟ ବାଟ ଛାଡ଼ିଦେବୁ ନାହିଁ । ସ୍ୱରାଜ୍ୟର ମଧ୍ୟଦେଇ ଆମେ ସମଗ୍ର ପୃଥିବୀର ସେବା କରିବୁ । ମୋ' ଲାଗି ଦେଶପ୍ରୀତି ଯାହା, ମାନବତାବାଦ ମଧ୍ୟ ତାହା । ମୁଁ ଦେଶକୁ ଭଲପାଉଛି,

କାରଣ ମୁଁ ହେଉଛି ଜଣେ ମନୁଷ୍ୟ ଓ ଜଣେ ଉଦାରତାସମ୍ପନ୍ନ ମନୁଷ୍ୟ । ଏହି ଜାତୀୟତା କାହାକୁ ବାହାରେ ରଖି ନିଜେ ତା'ଠାରୁ ଅଲଗା ହୋଇ ରହିବାକୁ ଇଚ୍ଛା କରେନାହିଁ । ଭାରତର ସେବା କରିବାପାଇଁ ମୁଁ ଇଂଲଣ୍ଡ କିମ୍ବା ଜର୍ମାନୀର କୌଣସି କ୍ଷତି କରିବି ନାହିଁ । ମୋ' ଜୀବନର ଯୋଜନାରେ ସାମ୍ରାଜ୍ୟବାଦ ଲାଗି କୌଣସି ସ୍ଥାନ ନାହିଁ । ଜଣେ ଦେଶଭକ୍ତର ବିଧାନ ଜଣେ ବଂଶମୁଖ୍ୟର ବିଧାନଠାରୁ ଆଦୌ ପୃଥକ୍ ନୁହେଁ । ଯଦି ସେ କେବଳ ଉପରକୁ ହିଁ ଜଣେ ମାନବିକତାବାଦୀ ହୋଇଥିବ, ତେବେ ଜଣେ ଦେଶଭକ୍ତର ଦେଶଭକ୍ତି ମଧ୍ୟ ତଦ୍ୱାରା ଊଣା ହୋଇଯିବ । ନିଜର ବିଧାନ ଓ ରାଜନୀତିର ବିଧାନ ମଧ୍ୟରେ ଆଦୌ କୌଣସି ଦ୍ୱନ୍ଦ୍ୱ ନାହିଁ ।

ଜଣେ ଜାତୀୟତାବାଦୀ ନ ହୋଇ ଅନ୍ତର୍ଜାତୀୟତାବାଦୀ ହୋଇପାରିବା ଆଦୌ ସମ୍ଭବ ନୁହେଁ । ଯେତେବେଳେ ଜାତୀୟତା ଏକ ସତ୍ୟରେ ପରିଣତ ହେବ ଅର୍ଥାତ୍ ଯେତେବେଳେ ବିଭିନ୍ନ ଦେଶରେ ବାସ କରୁଥିବା ମନୁଷ୍ୟମାନେ ଆପଣାକୁ ସଂଗଠିତ କରିନେବେ ଓ ଜଣେ ବ୍ୟକ୍ତିପରି କାର୍ଯ୍ୟ କରିବାକୁ ସମର୍ଥ ହେବେ, ସେତେବେଳେ ଯାଇ ଅନ୍ତର୍ଜାତୀୟତା ସମ୍ଭବ ହେବ । ଜାତୀୟତା ଆଦୌ ଏକ ମନ୍ଦ ନୁହେଁ, ମାତ୍ର ମନ୍ଦ ହେଉଛି ସଂକୀର୍ଣ୍ଣତା, ସ୍ୱାର୍ଥପରତା, କେବଳ ନିଜଟିକୁ ହିଁ ସବୁକିଛି ବୋଲି ଦେଖିବାର ଭାବ, ଯାହାକି ଆଧୁନିକ ଜାତିମାନଙ୍କର ଗାତ୍ରରେ ଦାଗ ହୋଇ ରହିଛି । ପ୍ରତ୍ୟେକ ଜାତି କୌଣସ ଅନ୍ୟ ଜାତିକୁ କ୍ଷତିରେ ପକାଇ ନିଜେ ଲାଭବାନ୍ ହେବାକୁ ଇଚ୍ଛା କରୁଛି, ଅନ୍ୟ ଏକ ଜାତିର ଧ୍ୱଂସ ଉପରେ ନିଜେ ଉର୍ଦ୍ଧ୍ୱକୁ ଉଠିବାଲାଗି ଚାହୁଁଛି । ଭାରତର ଜାତୀୟତା ଏକ ଅନ୍ୟଭଳି ମାର୍ଗରେ ଚାଲି ଆସିଛି । ବୃହତ୍ତର ମାନବଜାତିର କଲ୍ୟାଣ ଏବଂ ସେବାଲାଗି ତାହା ଆପଣାକୁ ସଂଗଠିତ କରିବାକୁ ଏବଂ ନିଜକୁ ସମ୍ପୂର୍ଣ୍ଣଭାବରେ ଅଭିବ୍ୟକ୍ତ କରି ଆଣିବାକୁ ଇଚ୍ଛା କରୁଛି । ଭଗବାନ୍ ଯେତେବେଳେ ମୋ'ର ନିୟତିଟିକୁ ଆଣି ଜନଗଣଙ୍କ ମଝିରେ ଏଠି ପକାଇ ଦେଇଛନ୍ତି, ଯଦି ମୁଁ ସେମାନଙ୍କର ସେବା ନକରେ, ତେବେ ମୁଁ ତଦ୍ୱାରା ମୋ'ର ପରମକର୍ତ୍ତାଙ୍କ ପ୍ରତି ବିଶ୍ୱାସଘାତକତା ହିଁ କରିବି । ସେମାନଙ୍କର କିପରି ସେବା କରିବାକୁ ହେବ, ଯଦି ମୋତେ ସେକଥା ଜଣା ନଥାଏ, ତେବେ ମାନବ ସମାଜର କିପରି ସେବା କରିବାକୁ ହୁଏ, ମୁଁ ସେକଥାଟି ମଧ୍ୟ କେବେହେଲେ ଜାଣିବାକୁ ସମର୍ଥ ହେବିନାହିଁ । ଏବଂ, ନିଜ ଦେଶର ସେବା କରୁଥିବାର କାର୍ଯ୍ୟଟିରେ ଯେ ପର୍ଯ୍ୟନ୍ତ ମୁଁ ଅନ୍ୟ କୌଣସି ଜାତିର ଆଦୌ କୌଣସି କ୍ଷତି କରୁନାହିଁ, ସମ୍ଭବତଃ ସେ ପର୍ଯ୍ୟନ୍ତ ମୁଁ କଦାପି କୌଣସି ଭୁଲ କାମ କରି ବସିବି ନାହିଁ ।

# ଲାଭକାରୀ ଅଳେଇଚ

ଅଳେଇଚର ଆକାର ଛୋଟ, ହେଲେ ଏହାର ଫାଇଦା ଅନେକ । ବିଭିନ୍ନ ଔଷଧୀୟ ଗୁଣରେ ଭରପୁର ଅଳେଇଚ ଶରୀର ଓ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ । ଏଥିରେ ସୋଡିୟମ, ପୋଟାସିୟମ, କାର୍ବୋହାଇଡ୍ରେଟ, ପ୍ରୋଟିନ୍, ଭିଟାମିନ୍ ସି', ଭିଟାମିନ୍, ଭିଟାମିନ୍ ଡି ଓ କ୍ୟାଲସିୟମ ପ୍ରଚୁର ମାତ୍ରାରେ ରହିଥାଏ । ସର୍ବାଧିକ ଅଳେଇଚ ଉତ୍ପାଦିତ ହୁଏ ନେପାଳରେ । ଏ କ୍ଷେତ୍ରରେ ଭାରତର ଓ ଭୁଟାନର ସ୍ଥାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ । ଭାରତର ମହୀଶୂର, ମାଙ୍ଗାଲୋର ପରି କେତେକ ଅଞ୍ଚଳରେ ଏହା ଉତ୍ପାଦିତ ହୁଏ । ଅଳେଇଚ ସାଧାରଣତଃ ଦୁଇ ପ୍ରକାର, ଗୋଟିଏ କଳା ଓ ଅନ୍ୟଟି ସବୁଜ । କଳା ଅଳେଇଚ ମସଲାରେ ବ୍ୟବହାର କରାଯାଏ ।

ଅଳେଇଚରେ ଥିବା ଆଣ୍ଟି ଇନଫ୍ଲାମେଟରି ତତ୍ତ୍ୱ ମୁଖ ଓ ତ୍ୱଚା କର୍କଟର ପ୍ରତିରୋଧକ ଭାବରେ କାର୍ଯ୍ୟକରେ । ଗ୍ୟାସ ଓ ଏସିଡିଟି ସମସ୍ୟା ଥିଲେ ଖାଇ ସାରିବା ପରେ ଗୋଟିଏ ଅଳେଇଚ ଚୋବାଇବାରେ ନିୟମିତ ଖାଆନ୍ତୁ । ଏଥିରେ ଥିବା ମ୍ୟାଗ୍ନେସିଅମ ଓ ପୋଟାସିଅମ ରକ୍ତ ପ୍ରଭାବକୁ ନିୟନ୍ତ୍ରଣ କରେ । ଫଳରେ ରକ୍ତଚାପ ସ୍ୱାଭାବିକ ହୁଏ ।

ସର୍ଦ୍ଦି ଓ କାଶ ସହିତ ଗଳା ରୁନ୍ଧି ହେଉଥିଲେ ସାମାନ୍ୟ ଉଷୁମ ପାଣିରେ ଗୋଟିଏ ବା ଦୁଇଟି ଅଳେଇଚ ପକାଇ ଉକ୍ତ ପାଣି ପିଅନ୍ତୁ ଏବଂ ତା'ପରେ ଅଳେଇଚ ଖାଆନ୍ତୁ । ଆରାମ ମିଳିବ ।



# ହିତକାରୀ ଆମ୍ବପତ୍ର

ଆମ୍ବ ଏକ ସୁସ୍ୱାଦୁ ଫଳ ଏହା ସମସ୍ତଙ୍କୁ ଜଣା, କିନ୍ତୁ ଆମ୍ବପତ୍ରର ଗୁଣ ବିଷୟରେ ପ୍ରାୟ ଧାରଣା କମ୍ । ଆମ୍ବପତ୍ର ବିଭିନ୍ନ ପ୍ରକାର ନ୍ୟୁଟ୍ରିଏନଟରେ ଭରପୁର । ଏଥିରେ ଜୀବସାର ଏ, ବି, ସି ନିଆସିନ, ବେଟା କାରୋଟେନ, ଥିଆମିନ୍ ରିବୋଫ୍ଲାଭିନ୍ ପ୍ରଚୁର ପରିମାଣରେ ଅଛି, ଯାହାକି ଆମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ତଟକା ଆମ୍ବପତ୍ରକୁ ପାଣିରେ ଫୁଟାଇ ଥଣ୍ଡାକରି ରାତିରେ ଏକ ପାତ୍ରରେ ରଖନ୍ତୁ, ସକାଳୁ ମଧୁମେହ ରୋଗୀ ନିୟମିତ ଏହି ପାଣିକୁ ପିଅନ୍ତୁ । ଫଳରେ ଶରୀରରେ ଇନସୁଲିନ୍ ସ୍ତର ଠିକ୍ ରହିଥାଏ ଏବଂ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହେ । ଆମ୍ବପତ୍ରର ଏସଟ୍ରାଟ୍ ନିୟମିତ ଦିନକୁ ୩/୪ ଥର ୩/୪ ମାସ ପାନ କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ ।

ଆମ୍ବପତ୍ରର ଏସଟ୍ରାଟ୍ ନିୟମିତ ସେବନ କଲେ ଏହା ରକ୍ତ ଧମନୀକୁ ଶକ୍ତ କରିବା ସହ ହୃଦ୍‌ଘାତ ସଙ୍କଟକୁ ହ୍ରାସ କରିଥାଏ । ଶୁଖିଲା ଆମ୍ବପତ୍ର ଗୁଣ୍ଡକୁ ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ସକାଳେ ନିୟମିତ ପାନ କଲେ କିଡନୀ ଓ ଗଲବ୍ଲାଡର ପଥରୀ ବା ଷ୍ଟୋନ ମିଳାଇ ଯାଇଥାଏ ।

ଆମ୍ବପତ୍ର ଗୁଣ୍ଡକୁ ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ସକାଳେ ସେହି ପାଣିକୁ ପିଇଲେ ଡିସେଣ୍ଟ୍ରି ଓ ଡାଇରିଆ ଆଦି ସମସ୍ୟାରୁ ରକ୍ଷା କରିଥାଏ । ଆମ୍ବପତ୍ରର ଏସଟ୍ରାଟ୍ ସହ ମହୁ ମିଶାଇ ନିୟମିତ ଦିନକୁ ୩/୪ ଥର ପାନକଲେ କଫ, ସାଧାରଣ ଥଣ୍ଡା, ଆଜ୍‌ମା, ହୁପିଙ୍ଗ୍ କଫ ପରି ସମସ୍ୟାରୁ ରକ୍ଷା ମିଳିଥାଏ ।

ଆମ୍ବପତ୍ରର ଏସଟ୍ରାଟ୍ ଦିନକୁ ୨/୩ ଥର ନିୟମିତ ପିଇଲେ ଗଳା ବସି ଯାଇଥିବା ସମସ୍ୟା ଦୂର ହୋଇଥାଏ ।



କାନ ବିନ୍ଧୁଥିଲେ ଆମ୍ବପତ୍ରର ଏସଟ୍ରାଟ୍‌କୁ ଅଳ୍ପ ଉଷୁମ କରି କାନରେ ତୁଳା ସାହାଯ୍ୟରେ ପକାଇଲେ ଏବଂ କାନମୂଳରେ ଲେପ ଦେଲେ ଆରାମ ମିଳିଥାଏ ।

ଆମ୍ବପତ୍ରକୁ ପୋଡି ତା' ଧୂଆଁକୁ ଇନହେଲ କଲେ ହୁପିଙ୍ଗ୍ କଫ ସମସ୍ୟା ଦୂରହେବା ସହ ଗଳା ସଂକ୍ରମଣଜନିତ ସମସ୍ୟା ଦୂର ହୋଇଥାଏ । ଶୁଖିଲା ଆମ୍ବପତ୍ରର ମଣ୍ଡକୁ ଭାତୁଡି ଉପରେ ନିୟମିତ ଲେପଦେଲେ ଏବଂ ଖଣ୍ଡିଆ ସ୍ଥାନରେ ଲେପଦେଲେ ଏହା ଶୀଘ୍ର ଶୁଖିଯାଇଥାଏ ଏବଂ ଭାତୁଡି ସମସ୍ୟା ଦୂର ହୋଇଥାଏ ।

ଆମ୍ବପତ୍ରକୁ ପୋଡି ସେହି ପାଉଁଶକୁ ପୋଡ଼ ଘାଆରେ ଲଗାଇଲେ ଏହା ଶୀଘ୍ର ଶୁଖିଥାଏ । ଆମ୍ବପତ୍ରରେ ଅନେକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଜୀବସାର ସି ଥିବାରୁ ଏହା ଶରୀରକୁ ଫ୍ରିରେଡିକାଲ ଜନିତ କ୍ଷୟକ୍ଷତି ସମସ୍ୟାରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ସବଳ କରିଥାଏ ।

ଦାନ୍ତରେ ଯନ୍ତ୍ରଣା ହେଉଥିଲେ ଆମ୍ବପତ୍ରକୁ ପୋଡି ତା' ପାଉଁଶରେ ଦାନ୍ତ ଘଷିଲେ ଏବଂ ଆମ୍ବପତ୍ରର ଏସଟ୍ରାଟରେ କୁଳି କଲେ ଦାନ୍ତର ସମସ୍ୟା ଦୂର ହୋଇଥାଏ । ଜ୍ୱର ହୋଇଥିଲେ ଆମ୍ବପତ୍ରର ଏସଟ୍ରାଟ୍‌କୁ ପିଇଲେ ଶରୀରର ତାପମାତ୍ରା କମ୍ ହୋଇଥାଏ ।

ୟୁରିକ୍ ଏସିଡ୍ ସମସ୍ୟା ଥିଲେ, କଅଁଳିଆ ଆମ୍ବପତ୍ରକୁ ରାତିରେ ପାଣିରେ ଫୁଟାଇ ରଖନ୍ତୁ । ସକାଳେ ପତ୍ରକୁ ଛାଣି ସେହି ପାଣିରେ ମହୁ ମିଶାଇ ଦିନକୁ ଦୁଇଥର ପିଅନ୍ତୁ । କିଛି ଆମ୍ବପତ୍ରକୁ ୩/୪ ଲିଟର ପାଣିରେ ଫୁଟାନ୍ତୁ । ତାହା ଅଧା ହୋଇଗଲେ ଥଣ୍ଡାକରି ଗାଧୁଆ ପାଣିରେ ମିଶାଇ ଗାଧାନ୍ତୁ, ଏଥିରେ ଥକାପଣ ଦୂରହେବା ସହ ଶରୀରକୁ ଆରାମ ଲାଗିଥାଏ ।

# ମହୌଷଧି ମିଶ୍ରି



ମିଶ୍ରି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ । ଏହା ଖାଲି ପେଟ ଥଣ୍ଡାକରେ ତାହା ନୁହେଁ ବରଂ ଓଜନ କମ୍ କରିବା ସହିତ ଏହା ମଧ ଡାଇରିଆ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ ।

ମିଶ୍ରି କଠିନ ହୋଇଥିବାରୁ ଏହାକୁ ଇଂରାଜୀରେ ରକ୍ ସୁଗାର କହିଥାନ୍ତି ।

ଠାକୁରଙ୍କ ନିକଟରେ ଭୋଗ ରୂପେ ବ୍ୟବହାର କରାଯାଇଥାଏ । କ୍ଷୀରରେ ମିଶ୍ରି ପକାଇ ଅଭିଷେକ କଲେ ଦେବ ଦେବ ମହାଦେବ ସନ୍ତୁଷ୍ଟ ଲାଭ କରିଥାନ୍ତି ।

ଓଜନ କମ କରିବାକୁ ଚାହୁଁଥିଲେ ନିୟମିତ ମିଶ୍ରି ବ୍ୟବହାର କରନ୍ତୁ । କୁହାଯାଏ ମିଶ୍ରି ଓ ପାନମଧୁରି ସମାନ ମାତ୍ରାରେ ପାଉଡର କରି ନିୟମିତ ଏକ ଚାମଚ ଖାଇବା ଦ୍ୱାରା ଓଜନ ନିୟନ୍ତ୍ରିତ ହୋଇଥାଏ ।

ପାଚନ କ୍ରିୟାରେ ସୁଧାର ଆଣିବା ଲାଗି ମିଶ୍ରିର ଉପଯୋଗ କରିବା ବହୁତ ଭଲ ।

ରକ୍ତହୀନତା ଦୂର କରିବାରେ ମିଶ୍ରି ଖୁବ ଲାଭଦାୟକ । ଏହାକୁ ଖାଇବା ଦ୍ୱାରା ହିମୋଗ୍ଲୋବିନ୍ ସ୍ତରରେ ସୁଧାର ଆସିଥାଏ । ରକ୍ତହୀନତା ରୋଗରୁ ମୁକ୍ତି ପାଇବା ଲାଗି ଆୟୁର୍ବେଦିକ ଔଷଧ ତ୍ରିଫଳା ଆଦିରେ ମିଶ୍ରିକୁ ବ୍ୟବହାର କରିବା ଫଳରେ ବିଶେଷ ଲାଭ ମିଳିଥାଏ ।

ମିଶ୍ରି ଓ ଚିନିରେ ଅନରିଫାଇନଡ ଗୁଣ ଭରି ରହିଛି । ଏହି କାରଣରୁ ଚିନିରେ ମିଳୁଥିବା ସୁକ୍ରୋଜରେ ଉତ୍ତମ ମାତ୍ରାରେ ମିଶ୍ରି ମିଳିଥାଏ । ଏହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ ।

ଆୟୁର୍ବେଦରେ ମିଶ୍ରିକୁ ଏକ ପ୍ରାକୃତିକ ଔଷଧ ଭାବେ ବ୍ୟବହାର କରାଯାଇଥାଏ । କୁହାଯାଏ ମିଶ୍ରିକୁ ଗରମ କ୍ଷୀର ସହିତ ମିଶାଇ ପିଇବା ଦ୍ୱାରା ମସ୍ତିଷ୍କ ବିକାଶ ଘଟିବା ସହିତ ସ୍ମୃତିଶକ୍ତି ବୃଦ୍ଧି ପାଇଥାଏ ।

ଡାଇରିଆରୁ ମୁକ୍ତି ପାଇବା ଲାଗି ୧୦ ଗ୍ରାମ ମିଶ୍ରି ଗୁଣ୍ଡ ଓ ୧୦ ଗ୍ରାମ ଧନିଆ ପାଉଡରକୁ ପ୍ରାୟ ୧୦୦ ଏମଏଲ ପାଣିରେ ମିଶାଇ ନିୟମିତ ଭାବେ ଦିନକୁ ୩ ଥର ସେବନ କରନ୍ତୁ । ଏପରି କରିବା ଫଳରେ ଖୁବ୍ ଶୀଘ୍ର ଆରାମ ମିଳିଥାଏ ।

**ପିଲାଙ୍କ ପାଇଁ ଫଳପ୍ରଦ :**

ଶିଶୁଙ୍କୁ ଚିନି ପାଣି ବଦଳରେ ସକାଳୁ ଖାଲି ପେଟରେ ମିଶ୍ରି ପାଣି ପିଇବାକୁ ଦିଅନ୍ତୁ । ଏହା ଶିଶୁର ମସ୍ତିଷ୍କ ବିକାଶ କରିବ, ଏଥି ସହିତ ପିଲାଙ୍କୁ କ୍ରିମି ହେବ ନାହିଁ ।

ମିଶ୍ରି ପାଣି ଗର୍ଭବତୀଙ୍କ ଲାଗି ଖୁବ୍ ଫଳପ୍ରଦ । ଏହା ମାନସିକ ଚାପରୁ ଗର୍ଭବତୀ ମହିଳାଙ୍କୁ ମୁକ୍ତି ଦେବା ସହିତ ପେଟକୁ ଥଣ୍ଡା ରଖିଥାଏ ।

ପାନମଧୁରି ସହିତ ମିଶ୍ରି ଖାଇବା ଫଳରେ ଏହା ପାଟି ଦୁର୍ଗନ୍ଧ ଓ ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।

ଖରାଦିନେ ପେଟକୁ ଥଣ୍ଡା ରଖିବା ଲାଗି ମିଶ୍ରି ଓ ଲେମ୍ବୁ ପାଣି ପିଇବା ଫଳରେ ପେଟ ଥଣ୍ଡା ରହିବା ସହିତ ଶରୀରରୁ ଜଳୀୟ ଅଂଶ ଅଭାବକୁ ଦୂର କରିଥାଏ ।

ସକାଳୁ ଖାଲି ପେଟରେ ମିଶ୍ରି ପାଣି ପିଇବା ଦ୍ୱାରା ଶରୀରକୁ ଏନର୍ଜୀ ମିଳିଥାଏ ।

# ଔଷଧରେ ଭରପୁର ଜାମୁକୋଳି

ଜାମୁକୋଳିକୁ ନ ଜାଣେ ବା କିଏ ! ଗାଁ ଗଣ୍ଡା, ସହର ବଜାର ଓ ରାସ୍ତାକଡ଼ରେ ଜାମୁଗଛ ଦେଖିବାକୁ ମିଳିଥାଏ । ଜାମୁକୋଳି ଖାଇବା ପାଇଁ ଖରାଦିନେ ପିଲାମାନେ ଜାମୁଗଛ ମୂଳେ ରୁଣ୍ଡ ହୋଇଥାନ୍ତି । ଜାମୁଗଛରେ ଚଢ଼ି କୋଳି ତୋଳିବାର ମଜା ନିଆରି । କିନ୍ତୁ ଏହାର ଔଷଧୀୟ ଗୁଣ କଥା ପ୍ରାୟ କମ୍ ଜାଣିଥିବେ ।

ଜାମୁଗଛର ପ୍ରତ୍ୟେକ ଅଂଶ ଯଥା, ଗଛର ଛେଲି, ପତ୍ର, ଜାମୁକୋଳି, ଜାମୁମଞ୍ଜି ଔଷଧରେ ବ୍ୟବହାର କରାଯାଏ । ଭାରତରେ ଜାମୁକୁ 'ଫ୍ରୁଟ୍ ଅଫ୍ ଗଡ୍' ବୋଲି କହିଥାନ୍ତି । ଜାମୁରେ ବିଭିନ୍ନ ପ୍ରକାର ଜୀବସାର ଏବଂ ଖଣିଜ ଲବଣ ଭରପୁର ହୋଇଥାଏ । ଯାହା ଆମର ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଆପଣ ଜାଣନ୍ତି କି ୧୦୦ ଗ୍ରାମ ଜାମୁରେ ଜୀବସାର ବି-୧ (୦.୦୦୬ ଗ୍ରାମ), ବି ୫ (୦.୧୬୦ ଗ୍ରାମ), ବି ୨ (୦.୧୨ ଗ୍ରାମ), ବି ୩ (୦.୨୬୦ ଗ୍ରାମ), ବି ୬ (୦.୩୮ ଗ୍ରାମ) ସି (୧୮ ଗ୍ରାମ) ଏ (ବିଆଇଜି) ଥାଏ ଏବଂ କାଲସିୟମ୍ (୧୯ ଗ୍ରାମ), ଆଇରନ୍ (୦.୧୯୫ ଗ୍ରାମ), ପୋଟାସିୟମ୍ (୭୯ ଗ୍ରାମ), ଫସଫରସ୍ (୧୭ ଗ୍ରାମ), କରଟେନ୍ (୪୮ ଗ୍ରାମ), ସୋଡିୟମ୍ (୨୬ -୨ ଗ୍ରାମ), ମାରୋସିୟମ୍ (୧୫ ଗ୍ରାମ), ଫୋରିକ୍ ଏସିଡ୍ (୩ ଗ୍ରାମ) ଥାଏ ।

ଚର୍ମର ଯତ୍ନ: ମୁଖବ୍ରଣ- ମୁଖମଣ୍ଡଳରେ ବ୍ରଣ ବାହାରୁଥିଲେ ଜାମୁ ମଞ୍ଜିର ଗୁଣ୍ଡ ସହିତ ଗାଈକ୍ଷୀର ମିଶାଇ ରାତିରେ ଶୋଇବା ସମୟରେ ମୁହଁରେ ଲେପ ଦିଅନ୍ତୁ । ସକାଳୁ ଥଣ୍ଡା ପାଣିରେ ମୁହଁ ଧୋଇ ନରମ ସଫା କପଡ଼ାରେ ମୁଖମଣ୍ଡଳକୁ ପୋଛି ଦିଅନ୍ତୁ । ଏହିପରି ନିୟମିତ କଲେ ମୁଖମଣ୍ଡଳରୁ ବ୍ରଣ ଦୂରୀଭୂତ ହେବା ସହିତ ଦାଗ ମଧ ଉଭାଇଯାଏ ।

ତେଲିଆ ଚର୍ମ: ମୁଖମଣ୍ଡଳ ତେଲିଆ ଲାଗୁଥିଲେ, ଜାମୁରସ ସହିତ ବରଲି ଗୁଣ୍ଡ, ଅଁଳାରସ ଓ ଗୋଲାପ ଜଳ ମିଶାଇ ମୁଖମଣ୍ଡଳରେ ଲେପ ଦିଅନ୍ତୁ, ଶୁଖିଗଲେ ମୁଖମଣ୍ଡଳକୁ ଥଣ୍ଡା ପାଣିରେ ଭଲ ଭାବରେ ଧୋଇ ସଫା ନରମ କପଡ଼ାରେ ପୋଛି ଦିଅନ୍ତୁ । କିଛିଦିନ ଏପରି କଲେ ମୁହଁର ତୈଳାଂଶ କମିଯାଇ ମୁଖମଣ୍ଡଳ ଉଜ୍ଜ୍ୱଳ ଦେଖାଯାଏ ।

କଳା/ଧଳା ଦାଗ: ମୁଖମଣ୍ଡଳରେ କଳାଧଳା ଦାଗଥିଲେ ଜାମୁ ମଞ୍ଜିର ଗୁଣ୍ଡ ଲିମନ ଗୁଣ୍ଡ, ଚଣା ଗୁଣ୍ଡ, ଆଲମଣ୍ଡ ତେଲ ୧୦/୧୫ ଟୋପା, ଗୋଲାପ ଜଳ ମିଶାଇ ଏହି ମିଶ୍ରଣକୁ ମୁଖମଣ୍ଡଳରେ ଲେପଦିଅନ୍ତୁ, ଏହା ଶୁଖିଗଲେ ଥଣ୍ଡା ପାଣିରେ ମୁହଁ ଧୋଇ ସଫା ନରମ କପଡ଼ାରେ ମୁହଁ ପୋଛି ଦିଅନ୍ତୁ । ଏହିପରି କିଛିଦିନ କଲେ ମୁଖମଣ୍ଡଳରୁ କଳାଧଳା ଦାଗ ଉଭେଇ ଯାଏ ।

ଯାଦୁ: ସାଧାରଣତଃ ଅଣ୍ଟା, ଜଂଘ ଆଦିରେ ଯାଦୁ ହୋଇଥାଏ । ଯାଦୁ ହୋଇଥିବା ରୋଗୀ କୁଣ୍ଡାଇ ଖଣ୍ଡିଆ କରି ରକ୍ତ ବାହାର କରିଦିଏ, ଏହା ବହୁତ କଷ୍ଟ ପାଉଥାଏ । ଯଦି ଜାମୁ ରସରେ ପାଣି ମିଶାଇ କ୍ଷତ ସ୍ଥାନରେ ଲେପଦେଲେ, କିଛିଦିନ ନିୟମିତ ବ୍ୟବହାର କଲେ ଯାଦୁ ଭଲ ହୋଇ ଚର୍ମର ଯାଦୁର ଦାଗ ଲିଭିଯାଏ ।

ରକ୍ତହୀନତା: ଜାମୁରେ ଆଇରନ୍ ଓ ଜୀବସାର ସି' ଥାଏ । ରକ୍ତହୀନତା ରୋଗୀ ନିୟମିତ ଜାମୁରସ ସେବନ କଲେ ରକ୍ତରେ ହେମୋଗ୍ଲୋବିନ୍ କାଉଣ୍ଟ ବଢ଼ିଥାଏ, ରକ୍ତ ପରିଷ୍କାର ହୋଇଥାଏ ।



ପରିସ୍ରାଜନିତ ରୋଗ: ଯଦି ପରିସ୍ରାଜନିତ କିଛି ଅସୁବିଧା ଯଥା- ପରିସ୍ରା ନଳୀ ସଂକ୍ରମିତ ହୋଇଥାଏ, ପରିସ୍ରା ପୀଡା ହେଉଥାଏ, ପରିସ୍ରା ସଂକ୍ରମିତ ହେଉଥାଏ, ତେବେ ଏକ ଗ୍ଲାସ ଜାମୁରସ ୧/୨ ଚାମଚ ଜାମୁ ଛେଲି ଗୁଣ୍ଡ ମିଶାଇ ନିୟମିତ ୧୦/୧୫ ଦିନ ସେବନ କରନ୍ତୁ, ଏ ରୋଗରୁ ସମ୍ପୂର୍ଣ୍ଣ ରକ୍ଷା ପାଇବେ ।

ହୃଦ୍‌ରୋଗର ଯତ୍ନ : ହୃଦ୍‌ଘାତ ଏକ ମାରାତ୍ମକ ରୋଗ, ପ୍ରତିଦିନ ଶହ ଶହ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରୁଛନ୍ତି । ଏହି ରୋଗକୁ ମୂଳରୁ ସାବଧାନ ହେବା ଦରକାର । ୧୦୦ ଗ୍ରାମ ଜାମୁ ରସରେ ୫୫ ମିଲିଗ୍ରାମ ପଟାସିୟମ୍ ଥାଏ । ଏହା ହାର୍ଟ ପାଇଁ ଅତି ଦରକାରୀ । ଜାମୁରସ ନିୟମିତ ସେବନ କଲେ ହୃଦ୍‌ଜନିତ ରୋଗ ଯଥା ଉଚ୍ଚ ରକ୍ତଚାପ ହୃଦ୍‌ଘାତ, ଧମନୀ ଟାଣଜନିତ ରୋଗ, କାର୍ଡିଓଭାସକୁଲାର ରୋଗରୁ ରକ୍ଷା ମିଳିଥାଏ । ଜାମୁରେ ଥିବା ଲୌହ ରକ୍ତ ପରିଷ୍କାର କରିବାରେ ସାହାଯ୍ୟ କରିଥାଏ । ଜାମୁ ସେବନ କଲେ ରକ୍ତ ପତଳା ହୋଇ ହାର୍ଟକୁ ଠିକ୍ ଭାବରେ ପ୍ରଭାବିତ ହୋଇଥାଏ । ପ୍ରାତଃଭ୍ରମଣରୁ ଫେରିବା ପରେ ଜାମୁରସ ପାନ କଲେ ହୃତପିଣ୍ଡ ସୁସ୍ଥ ରହିଥାଏ ।

ମଧୁମେହ ରୋଗର ଯତ୍ନ : ମଧୁମେହ ରୋଗୀ ଜାମୁମଞ୍ଜିର ଗୁଣ୍ଡକୁ ମହୁ ସହିତ ମିଶାଇ ଦିନକୁ ୩ ଥର ନିୟମିତ ୨/୩ ମାସ ସେବନ କଲେ ରକ୍ତରେ ଶର୍କରା ସ୍ତର କମ୍ ହୋଇଥାଏ ଏବଂ ଶରୀରରେ ଇନସୁଲିନ୍ ସ୍ତର ବଢ଼ିଥାଏ ।

# ସ୍ୱର୍ବେଦ

**ଦୃଶ୍ୟ ଅଦୃଶ୍ୟ ସବ ଠାମ ମେଁ, ଜବ ଇଚ୍ଛା ଜସ ହୋୟ ।**
**ଦେହ ନ ପ୍ରାକୃତ ତାହି କୀ, କଓ୍ୱନ ଓ୍ୱହ ସୋୟ ॥୧୮॥**

ଭାଷ୍ୟ - ବ୍ୟକ୍ତ ସଂସାର ଆଉ ଅନ୍ତରୀକ୍ଷ ଅଥବା ଆତ୍ମାରେ ସ୍ୱଚ୍ଛନ୍ଦ ଭାବରେ ଏବଂ ନିଜ ଇଚ୍ଛାନୁସାରେ ଅବ୍ୟକ୍ତ ରୂପରେ ପ୍ରକଟ ହୋଇ ଉପଦେଶ ଦିଅନ୍ତି । ଅବ୍ୟକ୍ତ ରୂପରେ ତାଙ୍କର ଶବ୍ଦ ସ୍ପଷ୍ଟ ପ୍ରକଟ ହୋଇଥାଏ, ଯାହାକୁ ତାଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଅନନ୍ୟ ଶରଣାଧିକାରୀ ଭକ୍ତ ଜାଣନ୍ତି । ତାଙ୍କର ଶରୀର ପ୍ରକୃତିର ନୁହେଁ, ବରଂ ଉଭୟ ସ୍ୱରୂପର ଦର୍ଶନ ଯୋଗୀଜନ କରିଥାନ୍ତି, ଏହା ଅନୁଭବସିଦ୍ଧ ନିର୍ଭ୍ରାନ୍ତ ବଚନ ଅଟେ । ଅନୁରାଗୀ ଅନୁଭବୀ ସାଧକମାନଙ୍କ ନିକଟରେ ଏହାର ପୂର୍ଣ୍ଣ ଜ୍ଞାନ ରହିଛି । ଏହି ଅଲଭ୍ୟ ଦର୍ଶନ ସଦ୍‌ଗୁରୁ ପଦାଧିକାରୀ ଆଚାର୍ଯ୍ୟ ପଦକୁ ପୂର୍ଣ୍ଣ କରିବା ପାଇଁ ମଧ୍ୟ ପ୍ରକଟ ହୁଅନ୍ତି । ବିନା ଦର୍ଶନରେ ଗୁରୁ ପଦ ପ୍ରାପ୍ତ ହୋଇ ନ ଥାଏ । ଗୁରୁ ହିଁ ଗୁରୁ ତିଆରି କରିଥାନ୍ତି । ଏହିଭଳି ଭାବରେ ଯିଏ ଦୃଶ୍ୟ ଅବା ଅଦୃଶ୍ୟ ସବୁ ସ୍ଥାନରେ ପ୍ରକଟ ହୁଅନ୍ତି, ସେହି ନିତ୍ୟ ପୁରୁଷ କିଏ ? ସଦ୍‌ଗୁରୁଙ୍କର ଅନନ୍ୟ ଶରଣ ଭକ୍ତି ଆଉ ତାଙ୍କ ପ୍ରତି ଅନନ୍ୟ ପ୍ରେମର ଉଦ୍ରେକରେ ହିଁ ନିଜ ହୃଦୟର ଉଦ୍‌ଗାରକୁ ଗ୍ରନ୍ଥକାର ଏହି ପ୍ରଶ୍ନାବଳୀରେ ବ୍ୟକ୍ତ କରିଛନ୍ତି ।

**ଦେହ ନ ପ୍ରାକୃତ ସାଜ ସେ, କରତା ନହିଁ ନିରମାୟ ।**
**ସୃଷ୍ଟି ପ୍ରଳୟ ଏକ ଭାଁତି ମେଁ, ଲୀଲା ଦେଖ ସ୍ୱଭାଓ୍ୱ ॥୧୯॥**

ଭାଷ୍ୟ - ସେହି ଅବିନାଶୀ ଅମର ପୁରୁଷଙ୍କର ଦେହର ନିର୍ମାଣ ପ୍ରକୃତିର ପଦାର୍ଥମାନଙ୍କରୁ ହୋଇ ନ ଥାଏ । ଜଗତକର୍ତ୍ତା ସତ୍‌ପୁରୁଷ ତାଙ୍କର ନିର୍ମାଣ କରିଥାନ୍ତି । ସେ ସୃଷ୍ଟି ଆଉ ପ୍ରଳୟରେ ଏକ ସମାନ ରହି ନିଜ ଶୁଦ୍ଧ ସ୍ୱରୂପରେ ସ୍ଥିର ହୋଇ ଜଗତ ପ୍ରବାହର ସୃଷ୍ଟିର ବ୍ୟବହାରକୁ ଦେଖନ୍ତି ।

**କର୍ମ ପାଶ ପାଶେ ନହିଁ, ନାହିଁ ଗରଭ ମେଁ ଆୟ ।**
**ଦୁଖ ସୁଖ ଓ୍ୱେ ବ୍ୟାପେ ନହାଁ, କୌନ ପୁରୁଷ ଅସ ଆୟ ॥୨୦॥**

ଭାଷ୍ୟ - ଜନ୍ମ ମରଣରହିତ ସେହି ଅବିନାଶୀ ପୁରୁଷ କର୍ମ ବନ୍ଧନରେ କବଳିତ ହୁଅନ୍ତି ନାହିଁ କିମ୍ବା କୌଣସି ସ୍ତ୍ରୀ ଲୋକର ଗର୍ଭରେ ସେ ପ୍ରବେଶ କରନ୍ତି ନାହିଁ । ଭୌତିକ ସୁଖ ଦୁଃଖ ତାଙ୍କୁ ସ୍ପର୍ଶ ସୁଦ୍ଧା କରେ ନାହିଁ । ସମସ୍ତଙ୍କ ଠାରୁ ଅସଙ୍ଗ ଆଉ ନିର୍ଲେପ ହୋଇ ଜଗତର ଜୀବମାନଙ୍କୁ ସତ୍ ଉପଦେଶ ଦେଇ ପରମାନନ୍ଦ ପ୍ରଦାନ କରନ୍ତି । ସେ ଗର୍ଭରେ ଆସି ସଂସାରରେ ପ୍ରକଟ ହୁଅନ୍ତି ନାହିଁ, ବରଂ ନିଜ ଶୁଦ୍ଧ ସଂକଳ୍ପରୁ ହିଁ ପ୍ରକଟ ହୋଇ ଜଗତର ଜୀବମାନଙ୍କୁ ଦର୍ଶନ ଦେଇଥାନ୍ତି । ପ୍ରକୃତିର ବିଷୟ ମାୟା ସମ୍ବନ୍ଧରୁ ସେ ମୁକ୍ତ ହୋଇ ଥିବାରୁ ଜଗତର ଦୁଃଖ ସୁଖର ଆଭାସ ମଧ୍ୟ ତାଙ୍କଠାରେ ପଡ଼େ ନାହିଁ । ଏମିତି ନିତ୍ୟ ଅବିନାଶୀ ସତ୍ ପୁରୁଷ କିଏ, ଯିଏ ସଂସାରରେ ବ୍ୟକ୍ତ ରୂପରେ ପ୍ରକଟ ହୋଇ ସଂସାରର କଲ୍ୟାଣ କରୁଛନ୍ତି ।

**ଦେଓ୍ୱ ଯକ୍ଷ କିନ୍ନର ନହାଁ, ନହାଁ ମନୁଜ ଅବତାର ।**
**ଋଷି ମୁନି ଯୋଗୀ ହୈ ନହିଁ, କୌନ ପୁରୁଷ ୟହ ନ୍ୟାର ॥୨୧॥**

ଭାଷ୍ୟ - ସେହି ସତ୍‌ପୁରୁଷ ନା କୌଣସି ଦେବତା ଅଟନ୍ତି, ନା ଯକ୍ଷ ଅଥବା କିନ୍ନର, ନା ମନୁଷ୍ୟ ଅବା ଋଷି-ମୁନି-ଯୋଗୀ ଅଟନ୍ତି । ଏ ସମସ୍ତଙ୍କ ଠାରୁ ଭିନ୍ନ ସେ କେଉଁ ପୁରୁଷ ଅଟନ୍ତି ? ଜୀବ କୋଟିରେ ହିଁ ଦେବତା, ମନୁଷ୍ୟ ଅଥବା ଋଷି ମୁନି ହୋଇଥାନ୍ତି । ନିଜର କର୍ମ, ଗୁଣ ଏବଂ ସ୍ୱଭାବ ଅନୁକୂଳ ଜୀବର ନାମକରଣ ହୋଇଥାଏ । ଜୀବର ଭିନ୍ନ ଭିନ୍ନ କର୍ମ, ବ୍ୟବହାର, ଆଚରଣ ଆଉ ଉତ୍ଥାନ ହେଲେ କର୍ମର କୋଟି ଭେଦରେ ତାଙ୍କର ନାମ ହୋଇଥାଏ, ପରନ୍ତୁ ସେ ସମସ୍ତ ଆତ୍ମା ଜୀବ କୋଟିରେ ଥାଆନ୍ତି । ସଦ୍‌ଗୁରୁ ଜୀବ ନୁହନ୍ତି । ସେ ସମସ୍ତ ଜୀବମାନଙ୍କର ରକ୍ଷକ, ଜ୍ଞାନ ପ୍ରଦାତା, ମୋହ ଅନ୍ଧକାରକୁ ନଷ୍ଟ କରୁଥିବା ଆଧ୍ୟାତ୍ମ ସୂର୍ଯ୍ୟ ଅଟନ୍ତି । ଏହି ସମସ୍ତ ଜୀବ କୋଟିର ସଂଜ୍ଞାମାନଙ୍କ ଠାରୁ ଭିନ୍ନ ସେହି ପୁରୁଷ କିଏ, ଯାହାର ବର୍ଣ୍ଣନା ସ୍ୱର୍ବେଦର ବାଣୀ କରୁଅଛି ?

**ଜୀଓ୍ୱ ନ ଶୀଓ୍ୱ ଈଶ ହୈ, ବ୍ରହ୍ମ ନ ପୂରଣ ବ୍ରହ୍ମ ।**
**ସୃଷ୍ଟି ମୁକ୍ତି ଏକ ସମ ରହେ, କୌନ ପୁରୁଷ ୟହ ଧର୍ମ ॥୨୨॥**

ଭାଷ୍ୟ - ସେ ନା ଜୀବ ଅଟନ୍ତି, ନା ଐଶ୍ୱର୍ଯ୍ୟବାନ୍ ଇନ୍ଦ୍ର ଅଟନ୍ତି, ନା ବ୍ରହ୍ମ ନା ପରଂବ୍ରହ୍ମ ଅଟନ୍ତି । ସୃଷ୍ଟି ଆଉ ମୁକ୍ତିରେ ଏକ ସମାନ ନିଜ ସ୍ୱରୂପରେ ସ୍ଥିର ରହୁଥିବା ସେହି ପୁରୁଷ କିଏ ଅଟନ୍ତି ? ଅର୍ଥାତ୍ ଏହା କେଉଁ ପୁରୁଷର ଧର୍ମ ଯାହା ସୃଷ୍ଟି ଆଉ ମୁକ୍ତିରେ ଏକ ସମାନ ରହିଥାଏ ।

**ଶୁଦ୍ଧ ବୁଦ୍ଧ ନିର୍ବନ୍ଧ ହୈ, ଯହାଁ ଓ୍ୱହାଁ ସବ ଠାମ ।**
**ଅଦ୍‌ଭୁତ ମହିମା ତାହି କୀ, କୌନ ପୁରୁଷ କହୁ ନାମ ॥୨୩॥**

ଭାଷ୍ୟ - ଯିଏ ଶୁଦ୍ଧ, ବୁଦ୍ଧ ଆଉ ସମସ୍ତ ବନ୍ଧନରୁ ମୁକ୍ତ ଅଟନ୍ତି ଏବଂ ସୃଷ୍ଟିର ମୁକ୍ତି ସ୍ଥାନମାନଙ୍କରେ ରହିଥାନ୍ତି, ଯାହାର ଆଶ୍ଚର୍ଯ୍ୟମୟ ଅଲୌକିକ ମହିମା ଅଛି, ସେହି ପୁରୁଷ ଜଣକ କିଏ ? ତାଙ୍କର ନାମ କୁହନ୍ତୁ ।

**ବ୍ରହ୍ମବିଦ୍ୟା ଅରୁ ଯୋଗ କା, ଆଦି ଗୁରୁ ହୈ କୌନ ।**
**ଋଷି ମୁନି ଯୋଗୀ ଶିଷ୍ୟ ହୈଁ, କହୌ ପୁରୁଷ ୟହ କୌନ ॥୨୪॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଆଉ ଅନୁଭବ ଯୋଗ ତତ୍ତ୍ୱକୁ ବତାଉଥିବା ଆଦି ଗୁରୁ କିଏ ଅଟନ୍ତି ? ଯହାଙ୍କର ଶିଷ୍ୟ ମୁନି ଏବଂ ଯୋଗୀ ଅଟନ୍ତି, ସେହି ପୁରୁଷ




କିଏ ? ଦୟାକରି କୁହନ୍ତି । ବ୍ରହ୍ମବିଦ୍ୟା ଯୋଗ ମାର୍ଗର ଆଦି ଗୁରୁ କିଏ ? ଏହି ପ୍ରଶ୍ନ ଏ ଦୋହାରେ କରାଯାଇଛି । ତତ୍ତ୍ୱଦର୍ଶୀ ବିଦ୍ୱାନ ଏହି ପ୍ରଶ୍ନର ସମାଧାନ କରନ୍ତୁ ।

**ଜାକେ ମୁଖ ସେ ନିକଲ କର, ଜ୍ଞାନ ସକଲ ଜଗ ଛାୟ ।**
**ଓ୍ୱହୀ ଜ୍ଞାନ ଶ୍ରୁତି ମନ୍ତ୍ର ମେଁ, ଓ୍ୱହି ସବ ଗ୍ରନ୍ଥନ ଆୟ ॥୨୫॥**

ଭାଷ୍ୟ - ଯାହାଙ୍କର ମୁଖରୁ ନିସୃତ ନ ହୋଇ ସୁଦ୍ଧା ସମସ୍ତ ଜଗତରେ ବ୍ୟାପୀଗଲା ଆଉ ସେହି ଜ୍ଞାନ ବୈଦିକ ମନ୍ତ୍ରଦ୍ରଷ୍ଟାମାନଙ୍କ ଦ୍ୱାରା ବେଦ ମନ୍ତ୍ରମାନଙ୍କରେ ଏବଂ ବିଶ୍ୱର ସମସ୍ତ ଗ୍ରନ୍ଥମାନଙ୍କରେ ଲିପିବଦ୍ଧ ହୋଇଗଲା ।

**ଚାରୋଁ ଯୁଗ ମେଁ ପ୍ରକଟ ହୋ, ସାର ଶବ୍ଦ ଉପଦେଶ ।**
**କରେ ମୁକ୍ତି ଜଗ ଜୀଓ୍ୱ କୀ, ପହୁଁଚେ ଅପନେ ଦେଶ ॥୨୬॥**

ଭାଷ୍ୟ - ଯିଏ ଚାରି ଯୁଗରେ ପ୍ରକଟ ହୋଇ ଜଗତର ଜୀବମାନଙ୍କୁ ସାରଶବ୍ଦ ବିହଙ୍ଗମ ଯୋଗର ଉପଦେଶ କରନ୍ତି, ଯାହାଙ୍କଠାରୁ ସେ ସମସ୍ତ ଜୀବ ମୁକ୍ତ ହୋଇ ନିଜ ଦେଶ, ନିଜ ଧାମ ଅମର ଲୋକରେ ପହଞ୍ଚି ଯାଆନ୍ତି ।

**ଋଷି ମୁନି ମହିମା ଜାସୁ କୀ, ଗାଓ୍ୱେଁ ଚାରୋଁ ଓ୍ୱେଦ ।**
**ନିତ୍ୟ ଅନାଦି ଓ୍ୱହ ପୁରୁଷ ହୈ, ସଦ୍‌ଗୁରୁ ସଦ୍‌ଗୁରୁ ଭେଦ ॥୨୭॥**

ଭାଷ୍ୟ - ଉପରେ ଦିଆଯାଇଥିବା ଯେଉଁ ଦୋହାରେ ଯାହାଙ୍କ ପାଇଁ ପ୍ରଶ୍ନ କରାଯାଇଛି ଯେ କିଏ ସେହି ପୁରୁଷ କିଏ ଅଟନ୍ତି, ତାହାର ଉତ୍ତର ଏହି ଦୋହାରେ ପ୍ରଦାନ କରାଯାଇଛି । ସେହି ପୁରୁଷ ନିତ୍ୟ ଅନାଦି ସତ୍‌ପୁରୁଷ ଅଟନ୍ତି ଯାହାଙ୍କର ମହତ୍ତ୍ୱ ଏହି ଦୋହାରେ ବର୍ଣ୍ଣନା କରାଯାଇଛି, ଯାହାର ମହିମା ଚାରି ବେଦ ଆଉ ଋଷି ମୁନିମାନେ ଗାନ କରିଥାନ୍ତି । ଯିଏ ସୃଷ୍ଟିର ପ୍ରାରମ୍ଭରେ ହିଁ ପ୍ରକଟ ହୋଇ ଜଗତର ଜୀବମାନଙ୍କୁ ବ୍ରହ୍ମବିଦ୍ୟା ଉପଦେଶ କରିଥାନ୍ତି ଏବଂ ଋଷି ମୁନି ଯାହାର ଉପଦେଶକୁ ଧାରଣ କରି ମନ୍ତ୍ରଦ୍ରଷ୍ଟା ମହର୍ଷି ହୋଇଥାନ୍ତି । ସେହି ଆଦିଗୁରୁ ବ୍ରହ୍ମବିଦ୍ୟା ଯୋଗମାର୍ଗର ପ୍ରଥମ ପ୍ରବର୍ତ୍ତକ ନିତ୍ୟ ଅନାଦି ସଦ୍‌ଗୁରୁ ଅଟନ୍ତି । ଯେଉଁ ଋଷି ମୁନି ସଦ୍‌ଗୁରୁଙ୍କର ଶରଣ ପ୍ରାପ୍ତ ହୋଇ ନାହାନ୍ତି, ସେମାନେ ଆଧ୍ୟାତ୍ମ ଜ୍ଞାନରୁ ବଞ୍ଚିତ ହୋଇ ସନ୍ମାର୍ଗକୁ ପ୍ରାପ୍ତ କରି ପାରନ୍ତି ନାହିଁ । ସଦ୍‌ଗୁରୁ ବିନା ଜୀବର କଲ୍ୟାଣ ହୋଇ ନ ଥାଏ । ସଦ୍‌ଗୁରୁ ହିଁ ବ୍ରହ୍ମବିଦ୍ୟାର ଅମୃତ ସଂଦେଶ ଜଗତର ଜୀବମାନଙ୍କୁ ଶ୍ରବଣ କରାଇ ପରଂବ୍ରହ୍ମଙ୍କର ପ୍ରାପ୍ତି କରାଇଥାନ୍ତି । ସେ ସ୍ୱଚ୍ଛନ୍ଦରେ ଏବଂ ନିଜ ଇଚ୍ଛା ଅନୁସାରେ ପୃଥିବୀରେ ପ୍ରକଟ ହୋଇ ଭୁଲି ଯାଇଥିବା ଜୀବମାନଙ୍କୁ ଚେତନ ପ୍ରକାଶ ଦେଇ ଅମୃତ ପରମାନନ୍ଦଙ୍କୁ ପ୍ରାପ୍ତ କରାଇଥାନ୍ତି । ଜଗତରେ ବ୍ରହ୍ମବିଦ୍ୟାର ସ୍ରୋତ ତାଙ୍କ ଦ୍ୱାରା ଋଷି ମହର୍ଷିମାନଙ୍କୁ ପ୍ରାପ୍ତ ହୋଇଛି ଆଉ ସେହି ଜ୍ଞାନ ସଂସାରର ସମସ୍ତ ଗ୍ରନ୍ଥମାନଙ୍କରେ ଲିପିବଦ୍ଧ ହୋଇଛି । ବ୍ରହ୍ମବିଦ୍ୟାର ଆଦି ଗୁରୁ ନିତ୍ୟ ଅନାଦି ସଦ୍‌ଗୁରୁ ଅଟନ୍ତି । ସେହି ସଦ୍‌ଗୁରୁଙ୍କର ଛତ୍ରଛାୟାରେ ସ୍ୱୟଂସିଦ୍ଧ ଗୁରୁ, ଅଭ୍ୟାସସିଦ୍ଧ ଗୁରୁ ଆଉ ପରମ୍ପରା ଗୁରୁ ଏଭଳି ବିଭକ୍ତ ହୋଇଥାନ୍ତି । ଏହି ଚାରି ଗୁରୁମାନଙ୍କ ଦ୍ୱାରା ସଂସାରରେ ବ୍ରହ୍ମବିଦ୍ୟାର ପ୍ରଚାର ହୋଇଥାଏ ଆଉ ଭବପତିତ ଜଗତର ଜୀବ ଜ୍ଞାନ ଅମୃତ ପାନକରି ମୋହ ବନ୍ଧନ ରୂପକ ଅନ୍ଧକାରକୁ ନାଶ କରି ବ୍ରହ୍ମବିଦ୍ୟାର ବିମଳ ପ୍ରକାଶରେ ପଦାର୍ପଣ କରି ପରମାନନ୍ଦଙ୍କୁ ପ୍ରାପ୍ତ କରିଥାଏ । ସେଥିପାଇଁ ବ୍ରହ୍ମବିଦ୍ୟାର ଆଦି ଗୁରୁ ନିତ୍ୟ ଅନାଦି ସଦ୍‌ଗୁରୁ ଅଟନ୍ତି ଯିଏ ଚାରି ଯୁଗରେ ପ୍ରକଟ ହୋଇ ବ୍ରହ୍ମବିଦ୍ୟାର ସଦୁପଦେଶ ଜଗତର ଜୀବମାନଙ୍କୁ ପ୍ରଦାନ କରି ଅମୃତ ପରମାନନ୍ଦଙ୍କୁ ପ୍ରାପ୍ତ କରାଇଥାନ୍ତି ।

**ରୋମ ରୋମ ଦେହ କେ, ବାହର ଭୀତର ହୋୟ ।**
**ବ୍ୟାପକ ଦେହ ଅଚ୍ଛାଦିତ, ଅକ୍ଷର ହୈ ୟହ ସୋୟ ॥୨୮॥**

ଭାଷ୍ୟ - ମୋ ଶରୀରର ଅଙ୍ଗ ପ୍ରତ୍ୟଙ୍ଗରେ ଏବଂ ବାହାରେ ଭିତରେ ସବୁ ସ୍ଥାନରେ ଏକ ବ୍ୟାପକ ସତ୍ତା ଅଛି, ଯାହା ଦ୍ୱାରା ମୋର ଶରୀର ଓତପ୍ରୋତ ଭାବରେ ଢାଙ୍କି ହୋଇଛି, ସେ ଏହି ଅକ୍ଷର ଅଟନ୍ତି । ଅକ୍ଷର ଦ୍ୱାରା ହିଁ ଶରୀରର ମୂଳ ସ୍ରୋତରୁ ସମଗ୍ର ଶରୀରରେ କ୍ରିୟା ହୋଇଥାଏ । ସେହି ଅକ୍ଷରଙ୍କର ପ୍ରତ୍ୟକ୍ଷ ଅନୁଭବ ଗ୍ରନ୍ଥର ରଚୟିତା ସଦ୍‌ଗୁରୁ ଦେବଙ୍କୁ ହୋଇଛି, ଯାହାର ବର୍ଣ୍ଣନା ସେ ଏହି ଦୋହାରେ କରିଛନ୍ତି ।

# ନିଃସ୍ୱାର୍ଥପର ସେବା

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, “ମୁଁ ବିଶ୍ୱର ମଙ୍ଗଳ ପାଇଁ ଅବିରତ କର୍ମକରି ଚାଲିଛି । ନିମିଷେ ମାତ୍ର ମୁଁ କର୍ମଚ୍ୟୁତ ହେଲେ, ସମଗ୍ର ବିଶ୍ୱ ଧ୍ୱଂସ ସ୍ତୁପରେ ପରିଣତ ହେବ । ତଥାପି ମୁଁ ନିଃ ସ୍ୱାର୍ଥପର ଭାବେ ବିଶ୍ୱର ସେବା କରିଚାଲିଛି । କାରଣ ମୁଁ ବିଶ୍ୱକୁ ଭଲପାଏ ।'' ନିଃସ୍ୱାର୍ଥପର ସେବା ପଛରେ ରହିଥାଏ ଭଲପାଇବା । ଏହି ଭଲପାଇବା ସାତ୍ତ୍ୱିକ । ସ୍ନେହ, ପ୍ରେମ ଓ ମମତାରେ ଭରା । ସ୍ୱାମୀ ବିବେକାନନ୍ଦ କହିଛନ୍ତି । ଯଦି ତୁମେ ଯଥାର୍ଥରେ ଅନ୍ୟର ମଙ୍ଗଳ କାମନା କର, ସାରା ଜଗତ ତୁମ ବିରୋଧରେ ଛିଡ଼ା ହେଲେ ମଧ କିଛି କରିବ ନାହିଁ । ତୁମ ଶକ୍ତି ନିକଟରେ ତାହା ପରାସ୍ତ ହେବ । ତୁମେ ଯଦି ଆନ୍ତରିକତାର ସହ ପ୍ରକୃତରେ ନିଃସ୍ୱାର୍ଥପର ସେବା କରୁଥାଅ, ଈଶ୍ୱରଙ୍କର ସମସ୍ତ ଶକ୍ତି ତୁମ ମଧରେ ଜାଗ୍ରତ ରହି, ସମସ୍ତ ବାଧା, ବିପତ୍ତି ଚୂର୍ଣ୍ଣ ବିଚୂର୍ଣ୍ଣ କରିବ ।”

ମାତୃଗର୍ଭରେ ଭ୍ରୂଣର ସଞ୍ଚାର ଦିନଠାରୁ ମା'ର ନିଃସ୍ୱାର୍ଥପର ସେବା ଆରମ୍ଭ ହୋଇଯାଏ । ଭୂମିଷ୍ଠ ହେଲାପରେ ବାପା, ମା ଓ ବିଦ୍ୟାଧ୍ୟୟନ ଠାରୁ ଗୁରୁଙ୍କର ନିଃ ସ୍ୱାର୍ଥପର ସେବା ଆରମ୍ଭ ହୋଇଯାଏ । ଏଠାରେ ପ୍ରଶ୍ନ ଉଠେ ଗୁରୁ ତ ପାରିଶ୍ରମିକ ପାଉଛନ୍ତି ତାଙ୍କର ପୁଣି ନିସ୍ୱାର୍ଥ ସେବା କଣ ? ବଞ୍ଚିବା ପାଇଁ ତ ସାଧନ ଆବଶ୍ୟକ । ଏହା ବ୍ୟତୀତ ପାଠ୍ୟ ପୁସ୍ତକ ପଢାଇବା ସହିତ ଛାତ୍ର, ଛାତ୍ରୀଙ୍କୁ ନିଜର ପୁଅ ଝିଅପରି ସ୍ନେହ ପ୍ରଦାନ ସହିତ ଜ୍ଞାନର ଆଲୋକରେ ଉଦ୍ଭାସିତ କରନ୍ତି ଯାହାକି ଭବିଷ୍ୟତରେ ଏମାନେ ଭଲ ମଣିଷ ହୋଇ ବାହାରନ୍ତି । ଆମେ ସାଧାରଣତଃ ବର୍ତ୍ତମାନର ବିଶୃଙ୍ଖଳ ସମାଜକୁ ଦେଖି କହିଥାଉ ‘ଖରାପ ଲୋକଙ୍କ ସଂଖ୍ୟା ବଢିଗଲାଣି । କିନ୍ତୁ ତାହା ଭ୍ରମାତ୍ମକ । ଏବେବି ଭଲ ମଣିଷଙ୍କ ସଂଖ୍ୟା ଅନେକ । ସମାଜସେବାରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି । ପରନ୍ତୁ ଲକ୍ଷଲକ୍ଷ ଅସହାୟ ସେମାନଙ୍କୁ ଦେବତା ବୋଲି ମାନି ବଞ୍ଚନ୍ତି । ବାସ୍ତବିକ୍ ଯେଉଁମାନେ ନିସ୍ୱାର୍ଥପର ଭାବେ ସମାଜର ସେବାରେ ନିଜକୁ ନିୟୋଜିତ କରିଛନ୍ତି । ସେମାନେ ଜଣେ ଲେଖାଏଁ ଭଗବାନଙ୍କ ଦୂତ । ଭଗବାନ ସିଧା ସଳଖ ନ ଆସି ଏହି ମହାନ ବ୍ୟକ୍ତି ଦ୍ୱାରା ମହତକାର୍ଯ୍ୟ ସମ୍ପାଦନ କରିଥାନ୍ତି । ମାନସିକ ବିକୃତ ମହିଳା, ପୁରୁଷଙ୍କୁ ଉଦ୍ଧାର କରି ସେବା କରିବା । ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ, ଅଯଥା ଶିଶୁ, ଭୋକିଲା ପେଟକୁ ଖାଦ୍ୟ ସର୍ବୋପରି ପ୍ରକୃତିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି ।

ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ନିଜ ଇଚ୍ଛାରେ ଅନ୍ୟମାନଙ୍କର ସେବା କରିବାକୁ ପସନ୍ଦ କରିଥାନ୍ତି । ତେବେ ଏଭଳି ସ୍ୱେଚ୍ଛାସେବୀମାନେ ଏପରି ସେବାଦ୍ୱାରା କେବଳ ଅନ୍ୟର ମଙ୍ଗଳ ସାଧନ କରନ୍ତି, ତାହା ନୁହେଁ । ଏହି ମହତ୍ କାମ ମଧ ସଂପୃକ୍ତ ସ୍ୱେଚ୍ଛାସେବୀମାନଙ୍କର ଆୟୁ ବଢାଏ ବୋଲି ଗବେଷକମାନେ ଅନୁଧାନ କରି ଜାଣିପାରିଛନ୍ତି ।

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

## ଲିଚୁର ଉପକାରିତା

ଲିଚୁ କୋଳି ଦେଖିବାକୁ ଯେପରି ସୁନ୍ଦର, ଖାଇବାକୁ ସେପରି ସ୍ୱାଦିଷ୍ଟ । ଖରାଦିନେ ଏହି କୋଳିର ଚାହିଦା ବି ରହିଛି । ପେଟକୁ ଥଣ୍ଡା ଆଉ ଶରୀର ପାଇଁ ମଧ୍ୟ ପୁଷ୍ଟିକର । କେହି କେହି ଏହାକୁ ଫଳଙ୍କ ମଧ୍ୟରେ ରାଣୀ ବୋଲି କହିଥାନ୍ତି । ଗହଳ ସବୁଜ ପତ୍ର ଭିତରେ ଲାଲ୍ ରଙ୍ଗର ଲିଚୁ ଖୁବ୍ ଆକର୍ଷଣୀୟ । ପ୍ରଥମ ଶତାବ୍ଦୀ ବେଳକୁ ଦକ୍ଷିଣ ଚୀନରେ ଦେଖା ଯାଉଥିବା ଏହି ବୃକ୍ଷଟି ଏବେ ଥାଇଲାଣ୍ଡ, ବାଂଲାଦେଶ, ଉତ୍ତର ଭାରତ, ଦକ୍ଷିଣ ଆଫ୍ରିକା, ଫ୍ଲୋରିଡ଼ା ପରି ବହୁ ସ୍ଥାନରେ ଦେଖିବାକୁ ମିଳୁଛି । ପିଲାଠାରୁ ବଡ଼ ଯାଏଁ ସମସ୍ତଙ୍କ ପାଇଁ ଏହା ଏକ ପସନ୍ଦଯୋଗ୍ୟ ଫଳ । ଏଥିରୁ କାର୍ବୋହାଇଡ୍ରେଟ୍, ଭିଟାମିନ୍ ସି, ଭିଟାମିନ୍ ଏ ଏବଂ ବି-କମ୍ପ୍ଲେକ୍ସ, ପୋଟାସିୟମ୍, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସ୍ଫରସ୍, ଲୌହ ପରି ଖଣିଜ ଲବଣ ମିଳିବା ସହ ଏହା ଶରୀରକୁ ସୁସ୍ଥ ରଖିଥାଏ ।

ଲିଚୁରେ ଥିବା ପୋଟାସିୟମ୍ ଏବଂ ତମ୍ବା ହୃଦରୋଗରୁ ରକ୍ଷା କରିଥାଏ । ଏହା ହୃଦ୍‌ସ୍ପନ୍ଦନର ଅନିୟମିତତା ଦୂର କରି ସ୍ୱାଭାବିକ କରିଥାଏ । ରକ୍ତଚାପକୁ ନିୟନ୍ତ୍ରିତ ରଖିଥାଏ । ତେଣୁ ହୃଦଘାତର ସମ୍ଭାବନା ହ୍ରାସ ପାଇଥାଏ । ଏଥିରୁ ମିଳୁଥିବା କ୍ୟାଲସିୟମ୍, ଫସ୍ଫରସ ଏବଂ ମ୍ୟାଗ୍ନେସିୟମ୍ ପିଲାମାନଙ୍କ ବିକାଶ ପାଇଁ ଖୁବ୍ ଆବଶ୍ୟକ । ଏହା ଅଷ୍ଟିଓପୋରୋସିସ୍ ପରି ହାଡ଼ର ସମସ୍ୟାକୁ ଦୂର କରେ ।

ଗବେଷଣାରୁ ଜଣାଯାଇଛି ଯେ, ଭିଟାମିନ୍ ସି'ରେ ଭରପୁର ଲିଚୁରେ କର୍କଟ (ବିଶେଷ କରି ସ୍ତନ କର୍କଟ) ପ୍ରତିରୋଧୀ ତତ୍ତ୍ୱ ଭରି ରହିଛି । ଏହାର ନିୟମିତ ସେବନ ଦ୍ୱାରା ଶରୀରରେ କର୍କଟ କୋଷିକାଗୁଡିକ ଆଉ ବୃଦ୍ଧି ପାଏ ନାହିଁ । ଲିଚୁରେ ମଧ୍ୟ ରହିଛି ଆଣ୍ଟିଅକ୍ସିଡାଣ୍ଟ । ଏଥିରେ ଥିବା ଭିଟାମିନ୍ ସି' ଆମ ଶରୀରର ରକ୍ତ କୋଷିକାର ନିର୍ମାଣ ସହ ଲୌହ ଅବଶୋଷଣରେ ସହାୟତା କରିଥାଏ ।

ଲିଚୁରେ ଥିବା ବିଟା କେରୋଟିନ୍, ରାଇବୋଫ୍ଲୋବିନ୍, ନିୟାସିନ୍ ଏବଂ



ଫୋଲେଟ୍ ପରି ଭିଟାମିନ୍ ବି' ଲାଲ୍ ରକ୍ତକୋଷିକାର ନିର୍ମାଣ ସହ ସୁସ୍ଥ ପାଚନ ପ୍ରକ୍ରିୟା ପାଇଁ ଆବଶ୍ୟକ । ଫୋଲେଟ୍ ଆମ ଶରୀର କୋଲେଷ୍ଟରଲ୍ ସ୍ତରକୁ ନିୟନ୍ତ୍ରିତ ରଖିଥାଏ । ଏଥିରେ ଥିବା ଫାଇବର ମେଦ ବହୁଳତା ହ୍ରାସ କରେ । ଫାଇବର ଆମର ଖାଦ୍ୟକୁ ଜୀର୍ଣ୍ଣ କରିବାରେ ସହାୟତା କରିଥାଏ । ଏହା ଶରୀରକୁ ସଂକ୍ରାମକ ରୋଗରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ ।

ଲିଚୁ ଶକ୍ତିପ୍ରଦ, ତେଣୁ ଶରୀରର କ୍ଳାନ୍ତିକୁ ଦୂର କରେ । ଏଥିରେ ଥିବା ନିୟାସିନ୍ ଆମ ଶରୀରକୁ ଶକ୍ତି ଯୋଗାଇ ଦେବା ପାଇଁ ଆବଶ୍ୟକ ଥିବା ଷ୍ଟେରଏଡ୍ ହର୍ମୋନ୍ ଏବଂ ହିମୋଗ୍ଲୋବିନ୍ ସୃଷ୍ଟି କରିଥାଏ । ଏଥିପାଇଁ ଲିଚୁ କୋଳି ଖାଇଲେ ଶରୀରକୁ ସ୍ଫୂର୍ତ୍ତି ମିଳିଥାଏ । ଲିଚୁର ରସ ହେଉଛି ଏକ ପୁଷ୍ଟିକର ତରଳ ପଦାର୍ଥ । ଏହା ତାତିରୁ ରକ୍ଷା କରିଥାଏ । ଗ୍ରୀଷ୍ମକାଳୀନ ଅନ୍ୟାନ୍ୟ ସମସ୍ୟାକୁ ଦୂର କରେ । ଶରୀର ପାଇଁ ଆବଶ୍ୟକ ଜଳ ଏଥିରୁ ମିଳେ । ଏହା ଜଳଶୁଷ୍କତା ହେବାକୁ ଦିଏ ନାହିଁ । କାଶ, ଜ୍ୱର, ଗଳା ସଂକ୍ରମଣ ଆଦିରୁ ଏହା ରକ୍ଷା କରେ । ଶୁଖିଲା କାଶ ପାଇଁ ଏହା ରାମବାଣ ସଦୃଶ ବୋଲି କୁହାଯାଏ । ଏଥିରେ ଥିବା ଏକ ପ୍ରକାର ରସାୟନ ଇନଫ୍ଲୁଏନଜା ଜୀବାଣୁଠାରୁ ରକ୍ଷା କରିଥାଏ ।

ଲିଚୁର ନିୟମିତ ସେବନ ଦ୍ୱାରା ତୈଳୀୟ ତ୍ୱଚାକୁ ପୋଷଣ ମିଳିଥାଏ । ଶରୀରରେ ଦେଖା ଯାଉଥିବା ବିଭିନ୍ନ ଦାଗ ଆଦି ଦୂର ହୁଏ । ଶରୀରକୁ ଅଲଟ୍ରାଭାଓଲେଟ୍ କିରଣରୁ ଏହା ରକ୍ଷା କରିଥାଏ । ଲିଚୁର ମଞ୍ଜି ଏବଂ ଚୋପାରେ ମଧ୍ୟ ଅନେକ ଔଷଧୀୟ ତତ୍ତ୍ୱ ରହିଛି । ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ପାଇଁ ଲିଚୁ ମଞ୍ଜିର ଚୂର୍ଣ୍ଣକୁ ଚା' କରି ପିଇବା ଦ୍ୱାରା ଲାଭ ମିଳିଥାଏ । ଏହି ଚା' ପିଇବା ଦ୍ୱାରା ତନ୍ତ୍ରିକାରେ ହେଉଥିବା ପୀଡ଼ା ଦୂର ହୁଏ । ପେଟରୁ କୃମି ମାରିବା ପାଇଁ ହେଲେ ଏହାର ଚୂର୍ଣ୍ଣକୁ ମହୁ ସହ ମିଶାଇ ଖାଇବାକୁ ଦିଆଯାଏ । ଲିଚୁ ବୃକ୍ଷର ଚେର, ଫୁଲ ଏବଂ ଛାଲିକୁ ସିଝାଇ ପ୍ରସ୍ତୁତ ହୋଇଥିବା ହର୍ବାଲ୍ ଚା' ପିଇବା ଦ୍ୱାରା ମିଳିମିଳା ପରି ସଂକ୍ରାମକ ରୋଗରୁ ରକ୍ଷା ମିଳିଥାଏ ।

## ଜୀବନ ରକ୍ଷା କରିବ ପାଳଙ୍ଗ

ପାଳଙ୍ଗ ଶାଗର ଉପକାରିତା କାହାକୁ ଅଛପା ନାହିଁ । ଏବେ ପାଳଙ୍ଗ ପତ୍ର ଉପରେ ମାସାଚୁସେଟସ ୟୁନିଭର୍ସିଟିର ଓ୍ୱର୍ସେଷ୍ଟର ପଲିଟେକନିକ ଇନଷ୍ଟିଚ୍ୟୁଟର ଗବେଷକମାନେ ଏକ ଚମତ୍କାର ମତ ଦେଇଛନ୍ତି । ସେମାନେ କହିଛନ୍ତି ପାଳଙ୍ଗ ପତ୍ରରେ ଥିବା ଭେନର ନେଟୱର୍କ ଓ ହାର୍ଟର ରକ୍ତବାହୀ ନଳୀର ନେଟୱର୍କ ମଧ୍ୟରେ ସାମଞ୍ଜସ୍ୟ ରହିଛି । ଆଶ୍ଚର୍ଯ୍ୟ ଯେ, ପାଳଙ୍ଗପତ୍ରର ଶିରାରେ ରକ୍ତ ପ୍ରବାହ ହୋଇପାରିବ ବୋଲି ସେମାନେ କହିଛନ୍ତି । ଡିଟରଜେଣ୍ଟ ବ୍ୟବହାର କରି ପାଳଙ୍ଗ ପତ୍ରରୁ ସେଲୁଲାର ମ୍ୟାଟେରିଆଲ କାଢ଼ିବା ପରେ ସେଲୁଲୋଜ ଓ ଭେନର ଏକ ସ୍ୱଚ୍ଛ ଷ୍ଟ୍ରକଚର ବାହାର କରିଥିଲେ । ଏହାପରେ ସେହି ସେଲୁଲୋଜରେ ମଣିଷ ସେଲ ଓ ଟିସ୍ୟୁ ରଖି ତାହାକୁ ସେହି ପତ୍ରରେ ବିକାଶ କରିଥିଲେ । ପାଞ୍ଚଦିନ ପରେ ମସଲସ ସେଲ କାର୍ଯ୍ୟ କରିବା



ଆରମ୍ଭ କରିଥିଲା । ଏହାପରେ ଗବେଷକମାନେ ମଣିଷ ରକ୍ତକୋଷ ଆକାରର ମାଇକ୍ରୋବିଡ ଏବଂ ଫ୍ଲୁଇଡ ପତ୍ରର ଭେନ ନେଟୱର୍କ ମଧ୍ୟକୁ ଇଞ୍ଜେକ୍ଟ କରିଥିଲେ । ବ୍ଲଡ ସେଲ୍ ତା' ମଧ୍ୟରେ ଗତି କରିପାରୁଛି କି ନାହିଁ ତାହା ଜାଣିବା ଲାଗି ଏହା କରାଯାଇଥିଲା । ଏହି ଗବେଷଣା ପରେ ପାଳଙ୍ଗ ପତ୍ର ବ୍ୟବହାର କରି ହାର୍ଟ ମସଲସ୍ ଲେୟାର ବିକାଶ କରାଯାଇ ପାରିବ ବୋଲି ଏକ ନୂଆ ଆଶା ସୃଷ୍ଟି ହୋଇଛି । ଏହା ମଧ୍ୟ ହୃଦଘାତ ପୀଡ଼ିତଙ୍କ ଚିକିତ୍ସାରେ ସାହାଯ୍ୟ କରିବା ସହ ଡୋନର ଅର୍ଗାନ ଅଭାବ ଦୂର କରିବାରେ ବାଟ ଦେଖାଇବ ।

## ଆପଣ ଜାଣନ୍ତି କି ?

- ବିଶ୍ୱର ଖ୍ୟାତନାମା ବୈଜ୍ଞାନିକ ଆଇନଷ୍ଟାଇନ ନୋବେଲ ପୁରସ୍କାର ସ୍ୱରୂପ ଯେତେ ଅର୍ଥ ପାଇଥିଲେ ତାହା ତାଙ୍କ ପୂର୍ବତନ ପତ୍ନୀଙ୍କୁ ଛାଡ଼ପତ୍ରର ଚୁକ୍ତି ଅନୁଯାୟୀ ପ୍ରଦାନ କରିଥିଲେ ।
- ବିଶ୍ୱରେ ଫିଲିପାଇନ୍ସ ଏକମାତ୍ର ଦେଶ ଯେଉଁଠାରେ ଛାଡ଼ପତ୍ର ଆଇନ ସମ୍ମତ ନୁହେଁ ।
- ପ୍ରେମ ବିବାହ କରିଥିବା ୭୫ ପ୍ରତିଶତ ଦମ୍ପତି ଛାଡ଼ପତ୍ର ଦିଆନିଆ ହୋଇଥାନ୍ତି ।
- ଯେଉଁ ବ୍ୟକ୍ତିଙ୍କ ଅଧିକ ସମୟ ଯାତ୍ରାରେ ବିତିଥାଏ ସେହିମାନେ ହିଁ ଅଧିକ ସଂଖ୍ୟକ ଛାଡ଼ପତ୍ର ଦେଇଥାନ୍ତି ।
- ବ୍ରିଟେନର ଖ୍ୟାତନାମା ଗାୟକ ଫିଲ୍ କଲିନ୍ସ ନିଜର ଦ୍ୱିତୀୟ ପତ୍ନୀଙ୍କୁ ଫାକ୍ସ ମାଧ୍ୟମରେ ଛାଡ଼ପତ୍ର ଦେଇଥିଲେ ।
- ୨୦୦୭ ରେ ବୋସନିଆର ଏକ ଦମ୍ପତିଙ୍କ ମଧ୍ୟରେ ଛାଡ଼ପତ୍ର ଦିଆନିଆ ହୋଇଥିଲା । ଏହାର କାରଣ ଥିଲା ବିଚିତ୍ର । ଉଭୟ ସ୍ୱାମୀ-ସ୍ତ୍ରୀ ଅନଲାଇନରେ ଛଦ୍ମ ନାମରେ ଚାଟିଂ କରି ଆସୁଥିଲେ । ଉଭୟେ ଏହା ଜାଣିବା ପରେ ଛାଡ଼ପତ୍ର ଦିଆନିଆ ହୋଇଥିଲା ।
- ଇଟାଲୀରେ ଅର୍ଦ୍ଧାଧିକ ଛାଡ଼ପତ୍ର 'ହ୍ୱାଟସ୍ଅପ୍' ଯୋଗୁଁ ହୋଇଥାଏ ।
- ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁ ସମ୍ପତି ସେମାନଙ୍କ ବିବାହରେ ଅଧିକ ଅର୍ଥ ଖର୍ଚ୍ଚ କରିଥାନ୍ତି ସେମାନଙ୍କ ମଧ୍ୟରେ ହିଁ ଅଧିକ ସଂଖ୍ୟାରେ ଛାଡ଼ପତ୍ର ଦିଆନିଆ ହୋଇଥାଏ ।
- ବିଶ୍ୱରେ ଅର୍ଥ ଯୋଗୁଁ ଛାଡ଼ପତ୍ର ସଂଖ୍ୟା ଅଧିକ ।
- ମାଲେସିଆରେ ଏସଏମଏସ ମାଧ୍ୟମରେ ଛାଡ଼ପତ୍ର ଦେବା ଆଇନସମ୍ମତ ।

## କହିପାରିବେ କି ?

(୧) ବ୍ରାହ୍ମ ସମାଜର ସ୍ଥାପନା କିଏ କରିଥିଲେ ?
(୨) ଋଗ୍ ବେଦରେ ମୋଟ୍ କେତୋଟି ସୂକ୍ତ ଅଛି ?
(୩) ମୀନାକ୍ଷୀ ମନ୍ଦିର ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(୪) ସାଙ୍ଗପୋ ନଦୀ ଭାରତରେ କେଉଁ ନାମରେ ଜଣାଶୁଣା ?
(୫) 'କୁକି ଜନଜାତି' ର ଲୋକେ ଭାରତର କେଉଁ ରାଜ୍ୟରେ ଦେଖାଯାନ୍ତି ?
(୬) ନବମ ଶିଖ୍ ଧର୍ମଗୁରୁଙ୍କ ନାମ କ'ଣ ?
(୭) 'ଏରିଆ ଅଫ୍ ଡାର୍କନେସ୍'ର ଲେଖକ କିଏ ?
(୮) ଇଂରାଜୀ ଭାଷା ଦିବସ କେବେ ପାଳନ କରାଯାଏ ?
(୯) ମହାଭାରତରେ ଘଟୋତ୍କଚ କାହାର ପୁତ୍ର ଥିଲେ ?
(୧୦) ନିକଟରେ କେନ୍ଦ୍ର ସରକାର କେଉଁ ଅର୍ଥଶାସ୍ତ୍ରୀଙ୍କୁ ନୀତି ଆୟୋଗର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି ?

### JUMBLE WORDS

| | | | |
|---|---|---|---|
| 1) PLAAH | = | 6) IHSTTR | = |
| 2) CRISCU | = | 7) GEEERM | = |
| 3) RESETO | = | 8) NKATE | = |
| 4) DESEU | = | 9) NIREL | = |
| 5) KHYSA | = | 10) DMYOEC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଲର୍ଡଓ୍ୱିଲିୟମ୍ ବେଣ୍ଟିକ୍, ୨.ସୁରଟ, ଗୁଜୁରାଟ, ୩. ତେଲଙ୍ଗାନା, ୪.ମଧ୍ୟ ପ୍ରଦେଶ, ୫.ବୀଣା, ୬. ଗ୍ରୀକ୍, ୭. ବେରିବେରି, ୮. ଟାଟା, ୯.ଫେବ୍ରୁଆରୀ ୨୮, ଭାସ୍କର ଚଟ୍ଟୋପାଧ୍ୟାୟ ।

***Jumble Words* ର ଉତ୍ତର :-**

(1) GASKET (2) USURP (3) TAFFY (4) OUTRAN (5) ADJOIN (6) EXCEL (7) CLONE (8) MISHAP (9) UNSURE (10) KITTY

# ଶୀତଳଷଷ୍ଠୀ

**ଶି**ବ ପାର୍ବତୀ ଶାନ୍ତିର ପ୍ରତୀକ। ଦୁହିଁଙ୍କ ମହାମିଳନରେ ଧରାପୃଷ୍ଠରେ ବିରାଜମାନ କରେ ଶାନ୍ତି। ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମୀଦିନ ଶିବ ବିବାହ ଅନୁଷ୍ଠିତ ହୁଏ ଓ ଷଷ୍ଠୀ ଦିନ ଶୀତଳଷଷ୍ଠୀ ପାଳନ କରାଯାଏ। ଓଡ଼ିଶାର ବିଭିନ୍ନ ଶୈବ ପୀଠରେ ଶିବ ବିବାହ ଅନୁଷ୍ଠିତ ହୁଏ। ତେବେ ଏହି ପର୍ବକୁ ଖୁବ୍ ଧୁମ୍‌ଧାମ୍‌ରେ ପଶ୍ଚିମ ଓଡ଼ିଶା ସମ୍ବଲପୁରରେ ପାଳନ କରାଯାଏ। ଏହା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ହେଲେ ମଧ ଆମ ଦୈନନ୍ଦିନ ଜୀବନରେ ଯେପରି ବିବାହ ଉତ୍ସବ ଅନୁଷ୍ଠିତ ହୁଏ, ଠିକ୍ ସେହିପରି ବୈଦିକ ରୀତିରେ ଶ୍ମଶାନଚାରୀ ଶିବଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣରୁ ଆରମ୍ଭ କରି ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ମହାଡ଼ମ୍ବରରେ ବରଯାତ୍ରୀ ଗମନ, ବୈଦିକ ରୀତିରେ ବେଦିରେ ବିବାହ, କନ୍ୟା ପିତାମାତାଙ୍କ କନ୍ୟା ସଂପ୍ରଦାନ, ଯାନି ଯୌତୁକ ଦେଇ କନ୍ୟା ବିଦାୟ କରାଯାଇଥାଏ।

ପୌରାଣିକ କଥାବସ୍ତୁ: ଶିବ ପୁରାଣ ଅନୁସାରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷ ପ୍ରଜାପତି ଜଗଜ୍ଜନନୀ ମାତା ସତୀଙ୍କୁ ପୁତ୍ରୀ ଭାବେ ଲାଭ କରନ୍ତି। ପିତାଙ୍କ ବାରଣ ସତ୍ତ୍ୱେ ଶିବଙ୍କୁ ପତି ଭାବେ ପାଇବା ପାଇଁ ମାତା ସତୀ ଏକନିଷ୍ଠ ତପସ୍ୟା କରି ହୁଅନ୍ତି ସଫଳ। ଏଥିରେ କ୍ଷୁବ୍ଧ ପିତା ଦକ୍ଷପ୍ରଜାପତି ଆୟୋଜନ କରୁଥିବା ଯଜ୍ଞକୁ ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ। ମାତ୍ର ଅନିମନ୍ତ୍ରିତ ମହାଦେବ ଯଜ୍ଞସ୍ଥଳକୁ ଯିବା ପାଇଁ ବାରଣ କରିବା ସତ୍ତ୍ୱେ ପିତୃମୋହ ଟାଣିନିଏ ସତୀଙ୍କୁ। ଯଜ୍ଞସ୍ଥଳରେ ସ୍ୱାମୀଙ୍କ ଅପମାନ ଏବଂ ପିତାଙ୍କ କଟୁକ୍ତି ସହ୍ୟ କରି ନ ପାରି ସତୀ ଝାସ ଦିଅନ୍ତି ଯଜ୍ଞକୁଣ୍ଡରେ। ସତୀଙ୍କ ଆତ୍ମଦାହ ସୂଚନା ପାଇ ମହାରୁଦ୍ର ଯଜ୍ଞସ୍ଥଳରେ ପହଞ୍ଚି ଆରମ୍ଭ କଲେ ମହାତାଣ୍ଡବ ନୃତ୍ୟ। ସତୀଙ୍କର ଶରୀର ଖଣ୍ଡବିଖଣ୍ଡିତ ହୋଇ ପଡ଼ିଲା ବିଭିନ୍ନ ପ୍ରାନ୍ତରେ। ଏହାପରେ ଶିବ ଗଭୀର ଦୁଃଖରେ ଧାନ ମଗ୍ନ ରହିଲେ। ଅନ୍ୟପକ୍ଷରେ ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ତାରକାସୁର ଅତ୍ୟାଚାର ଆରମ୍ଭ କଲା। ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶିଲେ। ମାତ୍ର ବ୍ରହ୍ମା ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ କାର୍ତ୍ତିକେୟ ତାରକାସୁରକୁ ବଧ କରିବ ବୋଲି ପ୍ରକାଶ କରିବା ପରେ ଦେବଗଣ ଆଦିଶକ୍ତି ମାତା ସତୀଙ୍କୁ ତପସ୍ୟା କରନ୍ତି। ଦେବଗଣଙ୍କ କଠୋର ତପସ୍ୟା ଯୋଗୁଁ ଆଦିଶକ୍ତି ମାତା ସତୀ ପାର୍ବତୀଙ୍କ ନାମରେ ଗିରିରାଜଙ୍କ ଘରେ ଆବିର୍ଭାବ ହୁଅନ୍ତି। ମାତା ପାର୍ବତୀ ବିବାହ ଯୋଗ୍ୟା ହେବାରୁ ଶଙ୍କରଙ୍କୁ ପତି ରୂପେ ପାଇବା ପାଇଁ କଠୋର ତପସ୍ୟା କଲେ। ଅନ୍ୟ ସମସ୍ତ ଦେବତାଙ୍କ ଅନୁରୋଧ ଓ ମାତା ପାର୍ବତୀଙ୍କ ତପସ୍ୟାରେ ମୁଗ୍ଧ ହୋଇ ମହାଦେବ ପାର୍ବତୀଙ୍କୁ ବିବାହ ପାଇଁ ରାଜି ହେଲେ। ମହାଦେବ ସମସ୍ତ ଦେବଗଣ, ରାକ୍ଷସ, ପିଶାଚ ଓ ଅନ୍ୟାନ୍ୟ ସମସ୍ତ ଜୀବଜନ୍ତୁଙ୍କୁ ବରଯାତ୍ରୀ ଧରି ପାର୍ବତୀଙ୍କୁ ବିବାହ ପାଇଁ ଗଲେ। ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ରୁଦ୍ର ଏବଂ ମାତା ପାର୍ବତୀଙ୍କ ପୁନଃମିଳନ ହେଲା। ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ପରିହାର କରି ହୋଇଯାନ୍ତି ଶାନ୍ତ ଶୀତଳ। ଦେବଦମ୍ପତିଙ୍କ ଏହି ମହା ମିଳନକୁ ଲୋକାଚାରରେ ପାଳନ କରାଯାଇଥାଏ ଶୀତଳଷଷ୍ଠୀ ଭାବେ।

ଯାତ୍ରାରା ଆୟମାରମ୍ଭ: ଯାତ୍ରା କେବେଠୁ ଆରମ୍ଭ ହେଲା ସେ ସମ୍ପର୍କରେ କୌଣସି ଲିପିବଦ୍ଧ କାଗଜପତ୍ର ନାହିଁ। ତେବେ ୧୭୬୨ ମସିହାରେ ବାଲୁଙ୍କେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ନେଇ ଏକ କେଶ୍ ହୋଇଥିଲା। ମନ୍ଦିରର ପୂଜାରୀ ଚେଙ୍ଗା ମାଳୀ କୋର୍ଟରେ ଦେଇଥିବା ବୟାନ୍ ଷଷ୍ଠୀ ଯାତ୍ରା ସଂପର୍କରେ ସର୍ବ ପ୍ରଥମ ଲିପିବଦ୍ଧ ଦଲିଲ୍ ବୋଲି କୁହାଯାଏ।

ଚେଙ୍ଗାମାଳୀ କୋର୍ଟରେ ବୟାନ୍ ଦେଇଥିଲା ଯେ, ‘ ଷଷ୍ଠୀ ଯାତ୍ରା କେବେଠୁ ଆରମ୍ଭ ହେଲା ମୁଁ ଜାଣିନି। ମୋର ଅଜା, ପଏନ୍‌ଅଜା କହୁଥିଲେ ଏହି ଯାତ୍ରା ବହୁ ଆଗରୁ ପାଳିତ ହୋଇଆସୁଛି।’ ଚେଙ୍ଗାମାଳୀର ଏହି ବୟାନ ଅନୁସାରେ ୧୭୬୨ର ବହୁ ପୂର୍ବରୁ ସମ୍ବଲପୁରରେ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ଏହି ଅନୁସାରେ ୪୦୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ହୋଇ ଆସୁଥିବା ଆକଳନ କରାଯାଏ।

ଯାତ୍ରାର ଅବଧି: ଅକ୍ଷୟ ତୃତୀୟଠାରୁ ଆରମ୍ଭ ହୋଇଥାଏ ଶୀତଳଷଷ୍ଠୀ ଯାତ୍ରା। ଅକ୍ଷୟ ତୃତୀୟା ଦିନ ମନ୍ଦିରରେ ଥାଳ ଉଠିବା ସହ ଶୀତଳଷଷ୍ଠୀ ଯାତ୍ରା ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ଜ୍ୟେଷ୍ଠ ଶୁକ୍ଳପକ୍ଷ ଅଷ୍ଟମୀ ଦିନ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ସହ ଶେଷ ହୋଇଥାଏ। ଏହି ସମୟ ମଧରେ ମାତା ପାର୍ବତୀଙ୍କ ପାଇଁ ପିତାମାତା ଚୟନ, ଯାତ୍ରା ପାଇଁ ରଥ ଓ ମେଢ଼ ନିର୍ମାଣ, ପତ୍ରପେଣ୍ଡି ବା ନିର୍ବନ୍ଧ, ଗୁଆଗୁଣ୍ଡା ବା ଦେବନିମନ୍ତ୍ରଣ, ବିବାହ ପାଇଁ ଆବଶ୍ୟକ ସମସ୍ତ କାର୍ଯ୍ୟ ଶେଷ ହୋଇଥାଏ।

ପତରପେଁଡି: ଆମ ଦୈନନ୍ଦିନ ଜୀବନରେ ଯେଭଳି ବିବାହ ହୁଏ ଠିକ ସେହିପରି ଶିବ ଓ ପାର୍ବତୀଙ୍କ ବିବାହ କରାଯାଏ। ସାଧାରଣ ଯୁବକ ବିବାହ ବୟସରେ ଉପନୀତ ହେଲେ ତା’ ପାଇଁ କନ୍ୟା ଅନ୍ୱେଷଣ କରନ୍ତି ଏବଂ ନିର୍ବନ୍ଧ କରନ୍ତି ଠିକ୍ ସେହିପରି ଦେବ ଦେବ ମହାଦେବଙ୍କ ପାଇଁ କନ୍ୟା ଅନ୍ୱେଷଣ କରି ନିର୍ବନ୍ଧ କରାଯାଇଥାଏ। ଷଷ୍ଠୀର ୩/୪ ଦିନ ପୂର୍ବରୁ (ତିଥି ଅନୁସାରେ) ଦେବ ଦେବ ମହାଦେବଙ୍କ ପାଇଁ କନ୍ୟା ଅନ୍ୱେଷଣରେ ମନ୍ଦିରରୁ ଶୋଭାଯାତ୍ରା ବାହାରିଥାଏ। ଏହି ଶୋଭାଯାତ୍ରାରେ ବରପିତା (ଶିବଙ୍କ ପିତା) ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବ୍ୟକ୍ତି, ଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସମେତ ପଣ୍ଡିତମାନେ ରହିଥିବା ବେଳେ ଘଣ୍ଟ, ଶଙ୍ଖ, ଦୁଲଦୁଲି ସହ ନୃତ୍ୟରେ ଶୋଭାଯାତ୍ରା ଯାଇ ପହଞ୍ଚେ କନ୍ୟାପିତା ପାଇଁ ମନୋନୀତ ବ୍ୟକ୍ତିଙ୍କ ଘରେ। ସେଠାରେ ବିଧି ଅନୁସାରେ କନ୍ୟାପକ୍ଷ ବରପକ୍ଷଙ୍କୁ ଘରକୁ ଡାକି ନେଇ ଆତିଥ୍ୟ ପ୍ରଦାନ କରିବା ପରେ କଥୋପକଥନ ହୁଏ। ମନ୍ଦିରରୁ ବରପିତା ସରଗି ପତ୍ରରେ ଆଣିଥିବା ମହାଦେବଙ୍କ ବେଲପତ୍ର, ଫୁଲ ଦେଇ ନିର୍ବନ୍ଧ କରିଥାନ୍ତି।

ଗୁଆଗୁଣ୍ଡା ବା ଦେବନିମନ୍ତ୍ରଣ: ଶିବ ପାର୍ବତୀଙ୍କ ନିର୍ବନ୍ଧ ହେବା ପରେ ବିବାହୋତ୍ସବରେ ଯୋଗଦେବାକୁ ସହରରେ ଥିବା ସମସ୍ତ ଦେବା ଦେବୀଙ୍କୁ ନିମନ୍ତ୍ରଣ କରାଯାଇଥାଏ। ନନ୍ଦପଡ଼ାର ବଂ ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ବିବାହୋତ୍ସବରେ ଯୋଗଦେବା ପାଇଁ ନୃସିଂହ ମହାପ୍ରଭୁ ରଥାରୁଢ଼ ହୋଇ ବିଭିନ୍ନ ମନ୍ଦିରକୁ ଯାଇ ଗୁଆ, ମିଠା ଆଦି ଦେଇ ନିମନ୍ତ୍ରଣ କରିଥାନ୍ତି। ତେବେ ଝାଡୁଆପଡ଼ାର ଲୋକନାଥ ବାବା ଏବଂ ମୁଦିପଡ଼ାର ଜାଗେଶ୍ୱରବାବାଙ୍କ ପାଇଁ ହନୁମାନ ମହାପ୍ରଭୁ ରଥାରୁଢ଼ ହୋଇ ସହରର ମନ୍ଦିର ଗୁଡ଼ିକୁ ଯାଇ ଗୁଆ ବଣ୍ଟନ କରି ନିମନ୍ତ୍ରଣ ଦେଇଥାନ୍ତି।

ଦେବ ବିବାହ: ପଞ୍ଚମୀ ଦିନ ସଂଧାରେ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଦେବ ଦେବ ମହାଦେବଙ୍କୁ ବର ବେଶରେ ସଜ୍ଜିତ କରାଯାଏ। ବୃଷଭାରୁଢ଼ ବର ବେଶୀ ମହାଦେବ ଶ୍ମଶାନଚାରୀ ନନ୍ଦୀ, ଭୃଗୀ, ପିଶାଚଙ୍କ ଗହଣରେ ଭବ୍ୟ ଶୋଭାଯାତ୍ରାରେ କନ୍ୟା ଗୃହକୁ ଗମନ କରିଥାନ୍ତି। ଏହି ଶୋଭାଯାତ୍ରାରେ ହନୁମାନ, ସାକ୍ଷୀଗୋପୀନାଥ, ଶ୍ମଶାନବାସୀ ସାମିଲ୍ ହେଉଥିବା ବେଳେ ଦୁଲ୍‌ଦୁଲି ବାଜାର ତାଳେ ତାଳେ ରଙ୍ଗମାନେ ନୃତ୍ୟ କରି ଚାଲିଥାନ୍ତି। ଏଥିରେ ସଂପ୍ରଦା ଏବଂ ବିଭିନ୍ନ ଲୋକନୃତ୍ୟ, ରେକର୍ଡ ଡ୍ୟାନ୍ସ ଆଦି ମଧ ସାମିଲ୍ କରାଯାଇଥାଏ। କନ୍ୟା ଗୃହରେ ଶୋଭାଯାତ୍ରା ପହଞ୍ଚିବା ପରେ ଶିବଙ୍କୁ କନ୍ୟା ପିତା ବରଣ କରିନେଇ ସୁସଜ୍ଜିତ ବିବାହ ମଣ୍ଡପରେ ବସାଇଥାନ୍ତି। ସେଠାରେ ବୈଦିକ ରୀତିରେ ଶିବ ପାର୍ବତୀଙ୍କ ବିବାହ ପୁରୋହିତଙ୍କ ମନ୍ତ୍ରପାଠ ମଧରେ ସଂପନ୍ନ ହୋଇଥାଏ। ତା’ପରଦିନ ସଂଧାରେ ନବ ପରିଣିତ ଦେବଦଂପତିଙ୍କୁ ଜାନିଯୌତୁକ ଦେଇ ବିଦାୟ ଦେଇଥାନ୍ତି। ସେଦିନ ମଧ ରାତ୍ରରୁ ଆରମ୍ଭ ହୁଏ ନବ ପରିଣିତ ଦେବଦଂପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ବା ମୁଖ୍ୟଯାତ୍ରା।

## ନିଃସ୍ୱାର୍ଥପର....

(ଅଷ୍ଟମ ପୃଷ୍ଠାର ଅବଶିଷ୍ଟାଂଶ)

ସେମାନଙ୍କ ନିର୍ଯାସ ଅନୁଯାୟୀ, ଅନ୍ୟର ଆଦୌ ସେବା କରୁ ନଥିବା ଲୋକଙ୍କ ଅପେକ୍ଷା ନିଃ ସ୍ୱାର୍ଥପର ସେବା ଯୋଗାଉଥିବା ଲୋକମାନେ ଅଧିକ ଦିନ ବଞ୍ଚିଥାନ୍ତି। ଅପର ପକ୍ଷେ, ପ୍ରଶଂସାଲାଭ ଆଶାରେ ବା ଅନ୍ୟକିଛି ପ୍ରତ୍ୟାଶା ରଖି ସେବା କରୁଥିବା ଲୋକଙ୍କ କ୍ଷେତ୍ରରେ ଏହି ଆୟୁବୃଦ୍ଧି ଲାଭ ଘଟି ନ ଥାଏ। ଗବେଷକମାନଙ୍କ ମତରେ ସ୍ୱେଚ୍ଛାସେବୀମାନେ ହିଁ ଏକ ସୁଖୀ ତଥା ସୁସ୍ଥ ଜୀବନ ବିତାଇବା ସହ ଶୀଘ୍ର ମୃତ୍ୟୁମୁଖରେ ପଡ଼ିନଥାନ୍ତି ଗବେଷକମାନେ ସ୍ପଷ୍ଟ କରିଛନ୍ତି ସପ୍ତାହକୁ ଦୁଇ ଘଣ୍ଟା ସେବା ଯୋଗାଉଥିବା ୫୦ ରୁ ଅଧିକ ବୟସ୍କମାନଙ୍କର ଶରୀରରେ କୌଣସିପ୍ରକାର ପ୍ରତ୍ୟଙ୍ଗଗତ ସମସ୍ୟା ଦେଖାଯାଇନଥାଏ। ସୁତରାଂ ସେମାନେ ସୁସ୍ଥ ଜୀବନ ଜିଇବା ପାଇଁ ଅବସର ପାଇଥାନ୍ତି।

ଏହି ମହାନ୍ ସହୃଦୟ ବ୍ୟକ୍ତିମାନେ ନିଃସ୍ୱାର୍ଥପର ସେବା କରୁଥିବା ବେଳେ ତାଙ୍କୁ ଅନେକ ଆଶୀର୍ବାଦ ଅଜାଡ଼ି ହୋଇପଡେ। ଏହା ଆମର ମହାନ ସଂସ୍କୃତିରେ ହଜାର ହଜାର ବର୍ଷ ହେବ ରହି ଆସିଥିବା ବେଳେ ନିଃସ୍ୱାର୍ଥପର ସେବା ଦ୍ୱାରା ସକାରାତ୍ମକ ଚିନ୍ତାଧାରା ଉଦ୍ରେକ ହୋଇଥାଏ। ଏମାନେ ସମସ୍ତେ ଗୋଟିଏ ଗୋଟିଏ ସୂର୍ଯ୍ୟମୁଖୀ ପୁଷ୍ପ ସଦୃଶ୍ୟ। ସୂର୍ଯ୍ୟମୁଖୀ ଫୁଲ ଦିନସାରା ସୂର୍ଯ୍ୟଙ୍କୁ ଅନୁସରଣ କରେ ସୂର୍ଯ୍ୟଙ୍କ ଗତି ଅନୁସାରେ ନିଜର ମୁହଁ ବୁଲାଏ। ରାତିରେ ଫୁଲ ଗୁଡ଼ିକ ପରସ୍ପର ମୁହଁ କରି କୁହନ୍ତି, “ତୁମେ ହେଉଛ ମୋର ସୂର୍ଯ୍ୟାଲୋକ।’ ଏହି ଫୁଲ ଭଳି ଆମେ ମଧ କାହାପାଇଁ ସର୍ଯ୍ୟାଲୋକ ହୋଇଯିବ। ଜୀବ ଜଗତ ପାଇଁ ସୂର୍ଯ୍ୟଦେବ ଯିଏ କି ସକଳ ଶକ୍ତିର ଆଧାର ସିଏ ବିନା ସ୍ୱାର୍ଥରେ ସମସ୍ତଙ୍କୁ ସମପରିମାଣରେ ଆଲୋକ ବାଣ୍ଟନ୍ତି। ସେମିତି ରାତ୍ରିର ସୁ-ଶୀତଳ ଚନ୍ଦ୍ରଙ୍କ କିରଣ ସ୍ୱାର୍ଥହୀନ ଭାବେ ଜଗତକୁ ପ୍ରଦାନ କରିଥିବା ଶ୍ରେଷ୍ଠ ଗୁଣ “ମାନବିକତାର ମହକ ଖେଳିଯିବ ଯେତେବେଳେ ଆମେ ନିଃସ୍ୱାର୍ଥପର ଭାବେ ଜଗତର ସେବାରେ ଜୀବନ ଉତ୍ସର୍ଗ କରିଦେବା। ଜଗତର ନାଥ ଜଗନ୍ନାଥ ବିଶ୍ୱର ସମସ୍ତଙ୍କ ସେବାମୂଳକ କାର୍ଯ୍ୟକୁ ଦେଖୁଛନ୍ତି ନିର୍ବିଶେଷ ନୟନରେ, କୌଣସି ଆଶା ନ ରଖି ଜନମାନସର ସେବା କରୁଥିବା ସେବକଙ୍କୁ ସେ ସ୍ନେହରେ କୋଳେଇ ନିଅନ୍ତି। ସତ୍ କର୍ମର ଫଳ କେବେ ହେଲେ ବ୍ୟର୍ଥ ଯାଏ ନାହିଁ। ଜନସେବାରେ ନିଜର ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତି ଚିରଦିନ ପାଇଁ ଅମର ରହନ୍ତି।

ଗଛମୂଳରେ ଢାଳିଥିବା ଜଳ ମଧ ସର୍ବୋଚ୍ଚ ପତ୍ରରେ ପହଞ୍ଚେ, ସେହିଭଳି, ପୃଥିବୀ ପୃଷ୍ଠରେ କରାଯାଇଥିବା ସ୍ନେହପୂର୍ଣ୍ଣ ସେବା ଏବଂ କାର୍ଯ୍ୟ ସିଧାସଳଖ ଭଗବାନଙ୍କ ନିକଟରେ ପହଞ୍ଚେ ଏଥିରେ କୌଣସି ସନ୍ଦେହ ନାହିଁ।

## ପରିବର୍ତ୍ତନ ଦ୍ୱାରଦେଶରେ...

(ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଓଡ଼ିଆ ଚଳଚ୍ଚିତ୍ର ପଟ୍ଟକଥା ରଚନାରେ ପଛୁଆ ପଡିଥିବାର ବିଭିନ୍ନ କାରଣ ମଧରେ ସାହିତ୍ୟ ଓ ଚଳଚ୍ଚିତ୍ର ଉଭୟ କ୍ଷେତ୍ର ମଧରେ ସମନ୍ୱୟ ସ୍ଥାପିତ ହୋଇପାରିଲା ନାହିଁ। ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକମାନେ ନିଜସ୍ୱ ଦକ୍ଷତାରେ ବିଶ୍ୱାସ କାରଣରୁ ସାହିତ୍ୟିକମାନଙ୍କୁ ଅଣଦେଖା କଲେ। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକମାନେ କାରିଗରୀ କୌଶଳ କିମ୍ବା ବ୍ୟବସାୟ କୌଣସିଟି କ୍ଷେତ୍ରରେ ଦକ୍ଷ ନଥିବା ତଥା ଚଳଚ୍ଚିତ୍ରରେ ଉତ୍କର୍ଷ ବିକାଶ ନିମନ୍ତେ ଯତ୍ନବାନ ନଥିବା ହେତୁ ପଟ୍ଟକଥା ରଚନା ବିଭବଟି ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ନବଜାଗରଣର ଅର୍ଦ୍ଧ ଶତାବ୍ଦୀର ଇତିହାସରେ ଅବହେଳିତ ହୋଇ ପଡିରହିଛି।

ଚଳଚ୍ଚିତ୍ର ପଟ୍ଟକଥା ରଚନା ଏକ ସୃଜନ କଳା ଏବଂ ଏହାର ବିକାଶ ନିମନ୍ତେ ବ୍ୟକ୍ତିଗତ ଉଦ୍ୟମ ହିଁ ସର୍ବାପେକ୍ଷା ପ୍ରଭାବଶାଳୀ। ତେବେ ଯଦି ବର୍ତ୍ତମାନ ଟେଲିଭିଜନ ଚ୍ୟାନେଲମାନେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣରେ ପାଦ ଥୋଉଛନ୍ତି, ତେବେ ଚଳଚ୍ଚିତ୍ର ପଟ୍ଟକଥା ଲେଖନୀକୁ ଉତ୍ସାହିତ କରିବା ନିମନ୍ତେ ସାମୟିକ ଭାବେ ଲେଖକ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜନ କରିପାରନ୍ତି। ଭଲ ପଟ୍ଟକଥା ଉପଲବ୍ଧ ହେଲେ ଚ୍ୟାନେଲମାନେ ଭଲ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିପାରିବେ ଏବଂ ବ୍ୟାବସାୟିକ ଦୃଷ୍ଟିରୁ ଲାଭବାନ ହେବେ। ଚଳଚ୍ଚିତ୍ର ଉନ୍ନୟନ ନିଗମ, ସାହିତ୍ୟ ଓ ସଂଗୀତ ନାଟକ ଏକାଡ଼େମୀ, ଭାଷା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟସ୍ତରର ସ୍ନାତକୋତ୍ତର ଗଣଯୋଗାଯୋଗ ଶିକ୍ଷାୟତନଗୁଡ଼ିକ ମଧ ଏଦିଗରେ ପଦକ୍ଷେପ ନେବା ସଂଭବ। ଓଡ଼ିଆ ଚଳଚ୍ଚିତ୍ରରେ ଗୁଣାତ୍ମକ ବିକାଶ ଓ ମୌଳିକତା ପରିସ୍ଫୁଟନ ନିମନ୍ତେ ପଟ୍ଟକଥା ରଚନାକୁ ପ୍ରାଥମିକତା ଦେବା ସମୟର ଆହ୍ୱାନ।

# ସମୃଦ୍ଧ ଓଡ଼ିଶା : ମଡେଲ 'ନବୀନ'

ଭୁବନେଶ୍ୱର : ଓଡ଼ିଶା ରାଜନୀତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୃଷ୍ଟି କରିଛନ୍ତି ନୂଆ ଇତିହାସ । ନିଜ ରେକର୍ଡ଼ ଭାଙ୍ଗି ନୂଆ ରେକର୍ଡ଼ ସୃଷ୍ଟି କରି ଚାଲିଛନ୍ତି । କ୍ରମାଗତ ଭାବରେ ପଞ୍ଚମ ପାଳିର ତୃତୀୟ ବର୍ଷ ପୂରଣ କରି ଚତୁର୍ଥ ବର୍ଷରେ ପାଦ ଦେଇଛନ୍ତି । ଓଡ଼ିଶାର ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ନିଜର ପରିବାର ସଦସ୍ୟ ଭାବରେ ଗ୍ରହଣ କରି ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସମୃଦ୍ଧିକୁ ନିଜର ଦାୟିତ୍ୱ ଭାବରେ ଗ୍ରହଣ କରି ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହା ଅଭୂତପୂର୍ବ । ସାରା ଦେଶରେ ଅନୁରୂପ ଉଦାହରଣ ବିରଳ । ସରକାରକୁ ସାଧାରଣ ଲୋକଙ୍କ ପାଇଁ 'ମୋ ସରକାର'ରେ ପରିଣତ କରିବାର ସାହସ ଅନ୍ୟତ୍ର ଦେଖାଯାଇ ନାହିଁ । ସାଧାରଣ ମହିଳାମାନଙ୍କୁ ଘର କୋଣରୁ ବାହାର କରି ଶାସନ କେନ୍ଦ୍ରରେ ଅବସ୍ଥାପିତ କରିବା ପରି ଦୃଢ଼ ସଙ୍କଳ୍ପ, ମହାମାରୀ ଓ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ନିମନ୍ତେ ଦମ୍ଭ କ୍ୱଚିତ୍ ଦେଖିବାକୁ ମିଳେ । ସାଧାରଣ ଚାଷୀ, ରାସ୍ତା କଡ଼ର ଠେଲା ଦୋକାନୀଠାରୁ ଆରମ୍ଭ କରି ରାସ୍ତାର ବୁଲା ପଶୁପକ୍ଷୀଙ୍କ ପେଟକଥା ଚିନ୍ତା କରୁଥିବା ଅସାଧାରଣ ମଣିଷଟି ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସ୍ୱାସ୍ଥ୍ୟ, ଶିକ୍ଷା, ସମ୍ପଦ, ଯୋଗାଯୋଗ ସବୁ ଦୃଷ୍ଟିରୁ ଓଡ଼ିଶାକୁ ସାରା ଦେଶରେ ସବୁଠୁ ସମୃଦ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଖୁଥିବା ସ୍ୱପ୍ନ ପଛରେ ରହିଛି 'ମୋ ସରକାର' ଓ '୫-ଟି' ଉପକ୍ରମ । ରାଜ୍ୟ ପ୍ରଶାସନକୁ ପାରଦର୍ଶୀ, ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଗୁରୁତ୍ୱାରୋପ କରି ଆସିଛନ୍ତି । ବିଶେଷକରି ପ୍ରତିଟି ଯୋଜନା, କାର୍ଯ୍ୟକ୍ରମର ଶତ ପ୍ରତିଶତ ସଫଳ ରୂପାୟନ ଏବଂ ପ୍ରତିଟି ବ୍ୟକ୍ତିବିଶେଷ ଯେପରି ବିନା ବାଧାରେ ପ୍ରତ୍ୟେକ ଯୋଜନାର ଲାଭ ନେଇପାରିବ ତାହାହିଁ ନବୀନ ମଡେଲର ମୂଳମନ୍ତ୍ର ରହି ଆସିଛି । ଏହି ମଡେଲକୁ ସଫଳ ଭାବେ କାର୍ଯ୍ୟକାରୀ କରାଇବା ଏବଂ ଦେଶବ୍ୟାପୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାରେ ବର୍ତ୍ତମାନ ୫-ଟି ଉପକ୍ରମ ସମସ୍ତ ଭୂମିକା ଗ୍ରହଣ କରିଛି । ସ୍ୱଛତା, ପ୍ରଯୁକ୍ତିବିଦ୍ୟା, ଦଳଗତ କାର୍ଯ୍ୟ, ସମୟ ଓ ରୂପାନ୍ତରଣ ମନ୍ତ୍ରକୁ ପାଥେୟ କରି ରାଜ୍ୟ ସରକାର ରାଜ୍ୟବ୍ୟାପୀ ଯେଉଁ ବିକାଶର ଧାରା ସୃଷ୍ଟି କରିଛନ୍ତି, ତାହା ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଓଡ଼ିଶା, ସୁଖୀ, ଓଡ଼ିଶା ଏବଂ ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ପୂରଣ ଦିଗରେ ଯଥେଷ୍ଟ ସହାୟକ ହୋଇପାରିଛି ।

ରାଜ୍ୟ ସରକାର ବର୍ତ୍ତମାନ ନିଜର ପ୍ରତିଟି କାର୍ଯ୍ୟକ୍ରମରେ ୫-ଟିର ମନ୍ତ୍ରକୁ ଉପଯୋଗ କରୁଥିବା ବେଳେ ତୃଣମୂଳସ୍ତରରେ ଏହାର ସକରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି । ବର୍ତ୍ତମାନ ରାଜ୍ୟବ୍ୟାପା ସ୍କୁଲ ରୂପାନ୍ତରଣ କାର୍ଯ୍ୟ ପୂରାଜୋରରେ ଆଗେଇ ଚାଲିଥିବା ବେଳେ ୫ଟି ଉପକ୍ରମର ସଫଳ ପ୍ରୟୋଗ ଏଠାରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି । ଟେକ୍ନୋଲୋଜି ଜରିଆରେ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, କମ୍ପ୍ୟୁଟର ଓ ଆଧୁନିକ ଲାବୋରୋଟେରୀ ହେଉ ଅଥବା ନିର୍ଦ୍ଧାରିତ ସମୟରେ ମୋ-ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ସାରିବାର ଲକ୍ଷ୍ୟ କିମ୍ବା ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଇ ସମ୍ପୂର୍ଣ୍ଣ ରୂପାନ୍ତରଣ କାର୍ଯ୍ୟକ୍ରମର ଅନୁପାଳନ । ଯାହା ବଦଳୁଥିବା ସ୍କୁଲ ଚିତ୍ରରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇପାରିଛି । ସେହିପରି ୫ଟି ଜରିଆରେ ତାରାତାରିଣୀ ପୀଠକୁ ନୂଆ ରୂପ ମିଳିଥିବା ବେଳେ ପୁରୀ ଶ୍ରୀକ୍ଷେତ୍ର, ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର, କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିର, କଣ୍ଟିଲୋ ନିଳମାଧବ, ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର ସହ ରାଜ୍ୟର ଅନେକ ମନ୍ଦିରର ନବକଳେବର କାର୍ଯ୍ୟ ବର୍ତ୍ତମାନ ଚାଲୁରହିଛି । ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବୈଷୟିକ ଜ୍ଞାନକୌଶଳ ବ୍ୟବହାରର ଆଉ ଏକ ବଡ଼ ଉଦାହରଣ ହୋଇଥିବା ବେଳେ ଏହି ଯୋଜନାରେ ରୋଗୀ ହସ୍ପିଟାଲରେ ପହଞ୍ଚିବା କ୍ଷଣି ଚିକିତ୍ସା ତୁରନ୍ତ ଆରମ୍ଭ ହୋଇଯାଉଛି । ବିନା ଅର୍ଥରେ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ଗରିବ ଲୋକଟିଏ ପାଇବାକୁ ଏବେ ସକ୍ଷମ ହେଉଥିବା ବେଳେ ଆବଶ୍ୟକୀୟ କାଗଜପତ୍ର ପାଇଁ ଏଠି ସେଠି ଦୌଡ଼ିବାକୁ ପଡୁନାହିଁ ଓ କେବଳ ୫-ଟି ନୁହେଁ, ବରଂ ମୋ ସରକାର ମଧ ରାଜ୍ୟ ପ୍ରଶାସନକୁ ଅଧିକ ଉତ୍ତରଦାୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ରାଜ୍ୟ ପ୍ରଶାସନର ୩୧ଟି ବିଭାଗ ମୋ ସରକାର ଅଧିନରେ ସାମିଲ ହୋଇ ଏକ ଜନକୈନ୍ଦ୍ରିକ ବ୍ୟବସ୍ଥା ଭିତ୍ତିକ ସେବା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ।

ଡାକ୍ତରଖାନା, ପୁଲିସ ଷ୍ଟେସନରୁ ଲୋକଙ୍କ ପାଖରୁ ଫିଡବ୍ୟାକ ଗ୍ରହଣ କରାଯାଇ ସେହି ଆଧାରରେ ସରକାର କାର୍ଯ୍ୟାନୁଷ୍ଠାନ, ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଅପାରଗ, ଦୁର୍ନୀତିଖୋରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଫିଡବ୍ୟାକ ସିଷ୍ଟମ୍‌ରେ ୨୦୧୯ ମସିହା ଅକ୍ଟୋବର ୨ ତାରିଖରୁ ମେ' ପ୍ରଥମ ସପ୍ତାହ ଭିତରେ ପ୍ରାୟ ୬୫ ଲକ୍ଷଫୋନ୍ କଲ୍ ସବୁ ବିଭାଗକୁ କରାଯାଇ ମତାମତ ନିଆଯାଇଥିବା ଜଣାପଡ଼ିଛି । ରାଜ୍ୟ ସରକାର ନୋ-କରପ୍ସନ, ନୋ-ହାରାସମେଣ୍ଟ ପରି ଏହି ଦୁଇ ନୀତି ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଦୁର୍ନୀତିରେ ସମ୍ପୃକ୍ତ ଥିବା କାରଣରୁ ଏଯାଏଁ ପାଖାପାଖି ପ୍ରାୟ ୧୭୦ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାଣି । ଦୁର୍ନୀତି ବିରୋଧୀ ଶୂନ୍ୟ ସହନଶୀଳତା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ଯେତେ ବଡ଼ ଅଧିକାରୀ କିମ୍ବା ରାଜନେତା ହୁଅନ୍ତୁ ନା କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଯାହାଫଳରେ ଆଇଏଏସ ବିନୋଦ କୁମାର, ଆଇଏଫଏସ ଅଭୟ ପାଠକଙ୍କ ଭଳି ସର୍ବଭାରତୀୟ ସ୍ତରର ଅଧିକାରୀ ଚାକିରୀରୁ ବରଖାସ୍ତ ହୋଇଥିବା ବେଳେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ ଦଳରୁ ବହିଷ୍କୃତ କରାଯାଇଛି । ଏହି ମୋ ସରକାର, ୫-ଟି ଛାଟ ରାଜ୍ୟ ପ୍ରଶାସନର ତୃଣମୂଳ ସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ବାଜୁଥିବା ବେଳେ ସାରା ଦେଶରେ ଏହା ଏକ ଉଦାହରଣ ପାଲଟିଛି । ଜନସାଧାରଣଙ୍କୁ ସ୍ୱଛ, ଦକ୍ଷ ଏବଂ ଉତରଦାୟୀ ପ୍ରଶାସନ ଜରିଆରେ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ ଥିବାବେଳେ ଏହା ଆଗାମୀ ଦିନରେ ଦୁର୍ନୀତିମୁକ୍ତ ସମାଜ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

# ନବୀନଙ୍କ ରାଜନୀତିରେ ୨୫ ବର୍ଷ

ଭୁବନେଶ୍ୱର : ସଫଳତ୍ୟର ଅନେକ ନୂଆ ରେକର୍ଡ ପ୍ରତିଷ୍ଠା କରିଛି । ଓଡ଼ିଶା ରାଜନୀତିର ଇତିହାସକୁ ପରିବର୍ତ୍ତନ କରି ସେ ନୂଆ ଅଧାୟ ସୃଷ୍ଟି କରିଛନ୍ତି । ସଂପୂର୍ଣ୍ଣ ଭାବେ ରାଜନୀତିରେ ନୂଆ ଥିବା ନବୀନ ୨୫ ବର୍ଷ ପରେ ଆଜି ସାରା ଦେଶର ଜଣେ ସମ୍ମାନସ୍ପଦ ରାଜନେତା ଭାବରେ ପରିଚୟ ସୃଷ୍ଟି କରିପାରିଛନ୍ତି । ୨୨ ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ସହ ଦେଶରେ ମଧ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଦେଶର ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ରହିଥିବା ସିକିମର ପବନ ଚାମଲିଂ ଏବଂ ପଶ୍ଚିମବଙ୍ଗର ଜ୍ୟୋତିବସୁଙ୍କ ରେକର୍ଡକୁ ସେ ଅତିକ୍ରମ କରିବାକୁ ଯାଉଛନ୍ତି । ୨୦୨୪ ମସିହାରେ ନବୀନ ଭାରତବର୍ଷର ସର୍ବାଧିକ ସମୟର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବେ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜନୈତିକ ଜୀବନ ଅପରାଜୟ ନ ଥିଲା । ସେ ୧୯୪୬ରେ ନିଦ୍ୱନ୍ଦ୍ୱରେ କଟକ ବିଧାନସଭା ଆସନରେ ନିର୍ବାଚିତ ହୋଇଥିଲେ । ୧୯୯୭ ମସିହା ଏପ୍ରିଲ ୧୭ ବା ତାଙ୍କ ଦେହାନ୍ତର ଦିନ ପର୍ଯ୍ୟନ୍ତ ସେ ଅନେକ ନିର୍ବାଚନ ଲଢ଼ିଥିଲେ ଏବଂ ବିଜୟ ପରାଜୟର ସମ୍ମୁଖୀନ ହୋଇଥିଲେ । ବିଧାନସଭା, ୬ ଲୋକସଭା ଓ ରାଜ୍ୟସଭା ସବୁ ନିର୍ବାଚନ ଲଢ଼ିଥିଲେ । ଏକ ସମୟରେ ୪ଟି ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ସବୁଠାରେ ହାରିଯାଇଥିଲେ । ପୂର୍ବରୁ ଢେଙ୍କାନାଳ ଆସନରେ ମଧ ବିଧାନସଭା ପାଇଁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ । ତେବେ ପରବର୍ତ୍ତୀ କାଳରେ ସିଏ ଆଉ ନିର୍ବାଚନ ହାରି ନ ଥିଲେ । ୧୯୯୬ ନିର୍ବାଚନରେ ଉଭୟ କଟକ ଏବଂ ଆସିକା ଲୋକସଭା ଆସନରୁ ସେ ନିର୍ବାଚିତ ହୋଇଥିଲେ । କଟକରୁ ଇସ୍ତଫା ଦେଇ ଆସିକାର ସାଂସଦ ଭାବେ ରହିଥିଲେ । ପରବର୍ଷ ତାଙ୍କର ଦେହାନ୍ତ ହୋଇଥିଲା । ନବୀନ କିନ୍ତୁ ନିର୍ବାଚନୀ ରାଜନୀତିରେ ଅପରାଜୟ ହୋଇ ରହିଛନ୍ତି । ପ୍ରତ୍ୟେକଟି ନିର୍ବାଚନରେ ସିଏ ବିଜୟୀ ହୋଇଛନ୍ତି । ଏପରିକି ଗତ ୨୦୧୯ ବିଧାନସଭା ନିର୍ବାଚନରେ ସେ ଉଭୟ ହିଞ୍ଜିଳି ଏବଂ ବରଗଡ଼ ଜିଲ୍ଲାର ବିଜେପୁର ଆସନରୁ ପ୍ରାର୍ଥୀ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତେବେ ବିଜେପୁରରୁ ଇସ୍ତଫା ଦେଇ ହିଞ୍ଜିଳିକୁ ରଖିଥିଲେ । ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ଆସନରୁ ସେ ୨୨ ବର୍ଷ ହେଲାଣି ବିଧାୟକ ଅଛନ୍ତି । ୨୫ ବର୍ଷର ରାଜନୈତିକ ଜୀବନରେ ସାଂସଦ ହେବା, କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ହେବା ଓ ମୁଖ୍ୟମନ୍ତ୍ରୀ ପଦରେ ରହିବା ତଥା କୌଣସି ନିର୍ବାଚନରେ ପରାଜୟର ସାମ୍ନା ନକରିବା କେବଳ ଓଡ଼ିଶା କାହିଁକି, ଭାରତ ବର୍ଷର ରାଜନୀତିରେ ଏକ ବିରଳ ରେକର୍ଡ ।

# କବି ବ୍ରଜମୋହନ ପଣ୍ଡା: ଏକ ବରେଣ୍ୟ ବ୍ୟକ୍ତିତ୍ୱ

## ସୌଭାଗ୍ୟବନ୍ତ ମହାରଣା

ସାହିତ୍ୟ, ସଂସ୍କୃତି, ସମାଜସେବା ଓ କୃଷିକର୍ମର ଏକ ବିଶାଳ ବ୍ୟକ୍ତିତ୍ୱ ଥିଲେ କବି ବ୍ରଜମୋହନ ପଣ୍ଡା । ସେ ଥିଲେ ମାନବବାଦୀ, ଜୀବନବାଦୀ, ପ୍ରକୃତି ପ୍ରେମୀ ତଥା ରୋମାଣ୍ଟିକ ପ୍ରେମର ଗାଥା (୧୯୬୧) ରୁ ମିଳେ ତାଙ୍କ ସରସ, ସୁନ୍ଦର ଓ ମଧୁମୟ ବହୁମୁଖୀ ପ୍ରତିଭାର ଏକ ଉଜସ୍ୱଳ ବ୍ୟକ୍ତିତ୍ୱ ଯାହାଙ୍କ ପ୍ରଚେଷ୍ଟାରେ ସମ୍ବଲପୁରର ଗଙ୍ଗାଧର ମେହେର ମହାବିଦ୍ୟାଳୟ, ବୁର୍ଲା ମେଡିକାଲ କଲେଜ, ବୁର୍ଲା ଇଂଜିନିଅରିଂ କଲେଜ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ସାକାର ହୋଇ ପାରିଥିଲା । ଆଜୀବନ ସେ ଶିକ୍ଷାର ବିକାଶ ଓ ପ୍ରସାର ନିମିତ୍ତ ନିଜକୁ ପୁରା ଉତ୍ସର୍ଗ କରି ଦେଇଥିଲେ । ଫଳ ସ୍ୱରୂପ ୧୯୩୮ ମସିହାରେ ତାଙ୍କ ଗ୍ରାମ ଲରମ୍ଭା ଠାରେ ସ୍ଥାପିତ ହୋଇଥିଲା ରାଜ୍ୟର ପ୍ରଥମ ଆବାସିକ ଉଚ୍ଚ ଇଂରାଜୀ ବିଦ୍ୟାଳୟ । 'ଯୌବନ ଗାଥା'ର ଜଣେ ଚର୍ଚ୍ଚିତ କବିରୂପେ ବ୍ରଜମୋହନ ପଣ୍ଡା ଓଡ଼ିଆ ସାହିତ୍ୟର ଅନେକ ଯଶସ୍ୱୀ ସମାଲୋଚକ ଓ ପ୍ରଫେସର ମାନଙ୍କର ପ୍ରିୟ ପାଲଟି ଯାଇଥିଲେ । ତାଙ୍କ କବିତା ସଂପର୍କରେ ବିଖ୍ୟାତ ସାହିତ୍ୟ ସମାଲୋଚକ ପ୍ରଫେସର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ କହନ୍ତି, ପ୍ରେମ ପ୍ରକୃତି ଓ ସ୍ୱଦେଶ ପ୍ରୀତି ତାଙ୍କ କବିତାରେ ରୂପାୟିତ ହୋଇଥିବା ଦେଖାଯାଏ । ସତ୍ୟବାଦୀ ଯୁଗୀୟ ଚିନ୍ତା ଓ ପରିକଳ୍ପନା ସହିତ କୋମଳ କବିତ୍ୱର କମନୀୟତା ତାଙ୍କ କବିତାବଳୀକୁ ଏକ ଧରଣ ମାଦକତା ପ୍ରଦାନ କରିଥିବା ଦେଖାଯାଏ । ଡକ୍ଟର ମାୟାଧର ମାନସିଂହ ମଧ ତାଙ୍କ କବିତ୍ୱ ଓ ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଛନ୍ତି 'ହୀରାଖଣ୍ଡି, ମୋହନ ବ୍ରଜମୋହନଙ୍କ ସ୍ମରଣେ' ପ୍ରବନ୍ଧରେ । କବି ବ୍ରଜମୋହନ ପଣ୍ଡାଙ୍କ ସୁମଧୁର ସାରସ୍ୱତ ସଂପର୍କ ଥିଲା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସହିତ ଅନେକ ପତ୍ର ବିନିମୟ ହୋଇଛି ଉଭୟଙ୍କ ମଧରେ କାବ୍ୟ କବିତା ସଂପର୍କରେ ନିଜ ନିଜ ମତ ଓ ଅଭିବ୍ୟକ୍ତିକୁ ନେଇ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ବିଭିନ୍ନ ପଡ଼ାର ପତରପେଁଡି ଓ ଦେବ ନିମନ୍ତ୍ରଣର ଝଲକ















## ଅନାମିକା ପଣ୍ଡା ଶିକ୍ଷାକ୍ଷେତ୍ରରେ ପାଇଲେ ଡକ୍ଟରେଟ୍

ସମ୍ବଲପୁର : ଶ୍ରୀମତୀ ଅନାମିକା ପଣ୍ଡା ଶିକ୍ଷା କ୍ଷେତ୍ରରେ ଡକ୍ଟରେଟ ପାଇଛନ୍ତି । ତାଙ୍କର ଲିଖିତ ଗବେଷଣା ମୂଳକ ସନ୍ଦର୍ଭ 'ଶିକ୍ଷା କ୍ଷେତ୍ରରେ ଆଧାତ୍ମିକତା' ବିଶେଷଜ୍ଞମାନଙ୍କ ଦ୍ୱାରା ଉକ୍ତ ପ୍ରଶଂସିତ ହେବା ପରେ



ତାଙ୍କୁ ଇଣ୍ଟରନେସନାଲ ଇଣ୍ଟରନସିପ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ସମ୍ମାନସୂଚକ ଉପାଧି ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପୀୟୁଷ ପଣ୍ଡିତ ଓ କୁଳପତି କୋରିନା ସୁଜଦିଆ ଏକ ସ୍ୱତନ୍ତ୍ର ଉତ୍ସବରେ ନୂଆଁଦିଲ୍ଲୀ ଠାରେ ଶ୍ରୀମତୀ ପଣ୍ଡାଙ୍କୁ ଏହି ଉପାଧି ଦେଇଥିଲେ । ଜଗନ୍ନାଥ କଲୋନୀ ନିବାସୀ ଶ୍ରୀମତୀ ପଣ୍ଡା ହେଉଛନ୍ତି ଯୁବ କଂଗ୍ରେସର ପୂର୍ବତନ ସମ୍ବଲପୁର ଜିଲ୍ଲା ସଭାପତି ଶ୍ରୀ ସଞ୍ଜୟ କୁମାର ପଣ୍ଡାଙ୍କ ଧର୍ମପତ୍ନୀ । ଗତ କିଛି ଦିନ ହେବ ଶିକ୍ଷାରେ କିପରି ସଂସ୍କାର ଅଣାଯାଇ ପାରିବ ସେଥିପାଇଁ ସେ ଗବେଷଣାରତ ଅଛନ୍ତି ।

## ଟି.ପି.ଡବ୍ଲୁ.ଓ.ଡି.ଏଲ୍ ଏବଂ ଭିସୁଟ୍ ମଧ୍ୟରେ ଏମ୍.ଓ.ୟୁ ସ୍ୱାକ୍ଷରିତ

ବୁର୍ଲା: ଟିପିଡବ୍ଲୁଓଡିଏଲ୍ ଏବଂ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟରେ ୨ ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇ ଯାଇଛି । ଏହି ଉପଲକ୍ଷେ ପଶ୍ଚିମ ଓଡିଶାର ସର୍ବପୁରାତନ ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ଟିପିଡବ୍ଲୁଓଡିଏଲ୍ ଭଳି ବିଦ୍ୟୁତ୍ ବିତରଣ କାରୀ ସଂସ୍ଥା ନବୀକରଣ ଯୋଗ୍ୟ ଶକ୍ତି ଓ ବୈଦ୍ୟୁତିକ ଯାନ ବିଷୟରେ ବୈଷୟିକ ଜ୍ଞାନ କୌଶଳର ଆଦାନ ପ୍ରଦାନ କରିବେ । ଏହି ଅବସରରେ ଟିପିଡବ୍ଲୁଡିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଇଂ ଗଜାନନ୍ କାଲେ ଏବଂ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ମଧ୍ୟରେ ସ୍ୱାକ୍ଷରିତ ପତ୍ରର ଆଦାନ ପ୍ରଦାନ ହୋଇଥିଲା । ଇଂ.ଗଜାନନ୍ କାଲେ ଏହି ଅବସରରେ ନିଜର ମତବ୍ୟକ୍ତ କରି କହିଛନ୍ତି ଯେ, ବୈଦ୍ୟୁତିକ ଯାନର ରିଚାର୍ଜ ବାବଦରେ ସମ୍ପୂର୍ଣ୍ଣ ବୈଷୟିକ ସହଯୋଗ ଭିସୁଟ୍ କୁ ଦିଆଯିବ ଏବଂ ସମସ୍ତ ପ୍ରକାର ନିୟାମକ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଲିଅରେନ୍ସ ପରେ ରାଉରକେଲା ଏବଂ ସମ୍ବଲପୁର ର ଦୁଇ ସହରରେ ରିଚାର୍ଜ ଷ୍ଟେସନ୍ ସ୍ଥାପନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଚୁକ୍ତି ହୋଇଛି । ସୌରଶକ୍ତିର ଉତ୍ପାଦନ ଏବଂ ଏହାର ବ୍ୟବହାର ଦିଗରେ ବିଶ୍ୱବିଦ୍ୟାଳୟ ସହ ହାତମିଳାଇ ପଶ୍ଚିମ ଓଡିଶା ଜନସାଧାରଣଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ଭିସୁଟ୍‌ର କୁଳପତି ପ୍ରଫେସର ମାଝୀ କହିଛନ୍ତି ଯେ ଏହି ଚୁକ୍ତିନାମା ବଦଳରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକମାନେ ନୂତନ ବୈଷୟିକ ପ୍ରଣାଳୀ ଉଦ୍ଭାବନ କରିବା ସହିତ ଜନସାଧାରଣଙ୍କ ଉପକାର ପାଇଁ ବୈଷୟିକ ଉଦ୍ଭାବନର ପ୍ରୟୋଗ ମଧ୍ୟ କରିପାରିବେ । ଦୁଇ ବୃହତ୍ତ ସଂସ୍ଥା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ ଭାବରେ ବିବେଚନା କରି ଆଗାମୀ ଦିନରେ ଏହି ଚୁକ୍ତି ନାମା ଅନୁସାରେ ଏକ ପାରଙ୍ଗମ ସମିତୀ ଗଠନ କରି ନିର୍ଧାରିତ କାର୍ଯ୍ୟକ୍ରମକୁ ଆଗକୁ ବଢାଇବେ ।




Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra